ଗତବର୍ଷ କେନ୍ଦ୍ରାପଡ଼ା ଖାଲରେ କେବଳ ବର୍ଷାପାଣି କିଞ୍ଚିତ ଯମା ହୋଇଥିବାରୁ ତାହା ନେବାପାଇଁ ପ୍ରଜାମାନେ କବୁଲିୟତ କରିଥିଲେ ଓ ଏବର୍ଷ ପ୍ରଥମରୁ ବର୍ଷାବର ସୁପାଳକ ହେଉଥିବା ପ୍ରତ୍ୟେକ୍ଷ୍ୟ ଦଶହରା ସମୟରେ ସପ୍ତାହ ମାତ୍ର ମେଘର ଦର୍ଶନ ନ ହେବାରୁ ସ୍ଥାନ ସ୍ଥାନରେ ଚାଷିମାନେ ବିଲକୁ ପାଣି ବୋହିବାରେ ଉଦ୍ୟମ କରିଥିଲେ ଓ ପଦ୍ମପୁର ଓ ତନ୍ନିକଟବର୍ତ୍ତୀ ସ୍ଥାନମାନଙ୍କର ପ୍ରଜାଦଳ କୁମ୍ଭାଜରଖାଲରୁ ପାଣିନେବା ସକାଶେ ଦୁଇ ଏକ ଦିନରେ ପ୍ରାୟ ଏକ ସହସ୍ର କବୁଲିୟତ କଲେ ମାତ୍ର ଈଶ୍ୱରଙ୍କ ଇଚ୍ଛାରୁ କୁମାର ପୂର୍ଣ୍ଣିମୀର ବର୍ଷା ଏମନ୍ତ ଉପଯୁକ୍ତ ସମୟରେ ହେଲା ଯେ ଏ ଫସଲ ପାଇଁ ସେମାନଙ୍କର କବୁଲିୟତ ମାତ୍ର ସାର ହେଲା, ଫଳତଃ ଯେବେ ବର୍ଷାକାଳରେ ଖାଲର ଜଳ ପ୍ରତି ପ୍ରଜାମାନଙ୍କର ଏପ୍ରକାର ଆଗ୍ରହ ତେବେ ଶୀତ ଓ ଗ୍ରୀଷ୍ମ ଋତୁରେ ଯେ ସେମାନେ ଅତ୍ୟନ୍ତ ଆନନ୍ଦ ସହିତ ନୂତନ ଫସଲ ସକାଶେ ଜଳ ନେବେ ଏଥିରେ ସନ୍ଦେହ ନାହିଁ । ଯେଉଁମାନେ ମନେ କରିଅଛନ୍ତି ଯେ ଫସଲ ପ୍ରସ୍ତୁତ ସକାଶେ କୁମ୍ଭାଜର ଜଳ ଚାଷିମାନେ ନେବେ ନାହିଁ, ବୋଧକରୁଁ ସେମାନେ ଏଥର ଉକ୍ତ ଭ୍ରମ ତ୍ୟାଗ କରିବେ । ଓ କୁମ୍ଭାଜର କର୍ମରେ ଅବଶ୍ୟ ସୁଫଳ ହେବାର ଜ୍ଞାନ କରିବେ ।

---

## ସାପ୍ତାହିକ ସଂବାଦ

ସେକ୍ରେଟେରି ଅବଷ୍ଟେଟ ଶ୍ରୀଯୁକ୍ତ ଗବର୍ଣ୍ଣର ଯେନେରାଲଙ୍କ ନିକଟକୁ ତଳ-ଲେଖିତ ଚିଠୀ ତାର ଡାକଯୋଗେ ପଠାଇ ଅଛନ୍ତି । ଓଡ଼ିଶା ପ୍ରଦେଶରେ ନଦୀବନ୍ତି ହେତୁ ଭାରି ବିପଦ ପଡ଼ିଥିବାର ପ୍ରସ୍ତାର ହୋଇଅଛି ଗବର୍ଣ୍ଣମେଣ୍ଟ ତହବିଲରୁ ବିନା ଓଜର ଟଙ୍କା ଦାନକରି ଓ ବିପଦର ଗତି ଓ ନିବାରଣର ଆଶା କିରୂପ ଅଛି ଶୀଘ୍ର ରିପୋର୍ଟକର । ବିଲାତର ସେକ୍ରେଟେରୀ ଆମ୍ଭମାନଙ୍କର ଦୁର୍ଦ୍ଦଶା ଶ୍ରବଣ ମାତ୍ରକେ ଏତାଦୃଶ୍ୟ ବଦାନ୍ୟତା ପ୍ରକାଶ କରିଅଛନ୍ତି । ମାତ୍ର ଅତ୍ରସ୍ଥ କର୍ମଗୃହୀମାନେ ବର୍ଷା-ବଧିକାଲ ଆମ୍ଭର ଯନ୍ତ୍ରଣା ଦେଖୁଁ ଦେଖୁଁ କେତେବେଳେ କହନ୍ତି ସାହାଯ୍ୟ କର୍ମ ଉତ୍ତମ ରୂପ ଚଳୁଅଛି । ଅନ୍ୟବେଳେ କହନ୍ତି ଟଙ୍କା ଦରକାର ନାହି ଓ କେତେ-ବେଳେ ଦେଶରେ ଅନେକ ଧାନ ଥିବାର ବିଶ୍ୱାସକରି ଚାଉଳ ପଠାଇବା ବିଷୟରେ ବୋର୍ଡ଼କୁ ବାରଣ କରନ୍ତି ।

ବଙ୍ଗଳା ହତାରେ ବୋର୍ଡରେବନ୍ୟୁ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ମୋଟରେ ଟ୩୦୭୨୯୭ ଙ୍କା ଆଯ ପର୍ଯ୍ୟନ୍ତ ବ୍ୟୟ କରିଅଛନ୍ତି । ପୁଣି ଚାଉଳ ଖରିଦ କରି କେବଳ ଓଡ଼ିଶାକୁ ପଠାଇବା କାରଣ ଟ୩୦୦୦୦ ଙ୍କା ଦାଦନ କରିଅଛନ୍ତି ଯଥା—

Digitized by srujanika@gmail.com

Split by PDF Splitter



| | |
|---|---|
| ବାଲେଶ୍ୱର | ଟ ୧୨୭୦୦୦ |
| କଟକ | ଟ ୧୨୪୦୦୦ |
| ପୁରୀ | ଟ ୫୦୦୦୦ |

ବୋମ୍ବାଇ ହତାର ବିସପ (ଅର୍ଥାତ ଲାଟ ପାଦ୍ରି) କଲିକତାର ବିସପ କର୍ମରେ ଏକଟିଂ ସ୍ୱରୂପ ନିଯୁକ୍ତ ହୋଇ ଅଛନ୍ତି ।

ଇରିଗେସନ କମ୍ପାନୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା କେନ୍ଦ୍ରାପଡ଼ା ଖାଲ ଓ ବରୁପା ମୁହଁ ଠାରୁ ବ୍ରାହ୍ମଣୀ ପର୍ଯ୍ୟନ୍ତ ବଡ଼ ଖାଲ ଉପରେ ଆସନ୍ତା ଜନଓରି ମାସଠାରୁ ସନ ୧୮୬୪ ମସିହା କେନାଲ ଆଇନ ପ୍ରଚଳ ହେବାର ଓ ଉକ୍ତ ଆଇନର ଅଭିପ୍ରାୟାନୁସାରେ ସେ ସମସ୍ତ ଖାଲ ମଧ୍ୟରେ ଗମନାଗମନ କରୁଥିବା ନୌକା ଓ ତନ୍ମଧ୍ୟସ୍ଥିତ ଯାତ୍ରୀଗଣଙ୍କ ଉପରେ ମାସୁଲ ଲାଗିବ । କେନ୍ଦ୍ରାପଡ଼ା ଖାଲରେ ନୌକାର ବୋଝେଇ ଅନୁସାରେ ପ୍ରତି ଶହେ ମହଣକୁ ଟ୦।୫ ଓ ପଥିକ ଯାତାୟତର ନୌକାରେ ଲୋକପ୍ରତି ଏକ ମାଇଲକୁ ଏକ ପାହୁଲାର ଚତୁର୍ଥାଂଶ ଅଥବା ୨୪ କୋଶରେ ଏକଅଣା ହିସାବରେ ମାସୁଲ ନିଆଯିବ । ଉଭୟ ପ୍ରକାର ମାସୁଲ ନୌକାର ମାଲିକଠାରୁ ଆଦାୟ ହେବ । ବ୍ରାହ୍ମଣୀର ବଡ଼ଖାଲରେ ମ୧୦୦ହଣକୁ ଟ୦।୵ ଅଣା ହିସାବରେ ମାସୁଲ ଆଦାୟ ହେବ ।

।ପ୍ର। ଅଶୁରେଶ୍ୱର ।ମୌ। ଦକ୍ଷତପଦାରେ କୌଣସି ଦୁରାତ୍ମା ଜଣେ ସ୍ତ୍ରୀକୁ ଖୁର ଦ୍ୱାରା କ୍ଷତବିକ୍ଷତ ଓ ତାହାର ପୁଅକୁ ପ୍ରାଣରୁ ବଧ କରିଅଛି । ପୁଲିସ ଅନୁସନ୍ଧାନରେ ସେ ବ୍ୟକ୍ତି ଧୃତ ନହେବାରୁ କଟକର ମେଜିଷ୍ଟର ସାହେବ ଆଜ୍ଞା ଦେଇଅଛନ୍ତି ଯେ ଉକ୍ତ ଦୁରାତ୍ମାକୁ ଯେ କେହି ଗିରପ୍ତାର କରି କି କରାଇ ଦେବ ତାହାକୁ ଟ୫୦ଙ୍କା ପୁରସ୍କାର ଦିଆଯିବ ।

ଲାଟବନ୍ଦୀ କସ୍ତ ବନ୍ଦ କଲାଉତ୍ତାରୁ ବଙ୍ଗାଳ ଗବର୍ଣ୍ଣମେଣ୍ଟ ଜିଲ୍ଲା ହାକିମଙ୍କଠାରୁ କୈଫିଅତ ତଲବ କରିଅଛନ୍ତି ଯେ ଶସ୍ୟ ଦୁଷ୍ପ୍ରାପ୍ୟ ହେବାରେ କୃଷିମାନଙ୍କ କେଉଁ ପରଗଣାରେ କପରି ବାଧା ଅଛି । ଗବର୍ଣ୍ଣମେଣ୍ଟ ଲେଖନ୍ତି ଯେ ଲାଟବନ୍ଦୀ ସ୍ଥଗିତକୁ କେହି ରାଜସ୍ୱ ମାଫ ଜ୍ଞାନ କରିବେ ନାହିଁ । ଯଦ୍ୟପି ବାସ୍ତବରେ କୃଷିଙ୍କୁ ବିଶେଷ କଷ୍ଟ ପଡ଼ିଥିବାର ଦେଖାଯିବ ତେବେ ଜମାସ୍ୱ ମାଫ ହେବ । ନଚେତ୍ ଶୀତକାଳର ଫସଲ କଟାଗଲା ଉତ୍ତାରୁ ଲାଟବନ୍ଦୀ ହେବ ।

ଗତ ସେପ୍ଟେମ୍ବର ମାସ ତା୨୦ ରଖ ବେଳ ଘଣ୍ଟା ସମୟରେ ପେଶୋ-ୟାରରେ ଅତି ବେଗରେ ଭୂମିକମ୍ପ ହୋଇଥିଲା ଉକ୍ତ ଭୂମିକମ୍ପରେ ତନ୍ନିକଟସ୍ଥ ବୃହତ

Digitized by srujanika@gmail.com

ଅନେକ ଗୃହପତ୍ର ବସ୍ତ୍ର ପୋଷିତ ପଶୁ ନାଶ ହୋଇ ଅଛି । ଏଡ଼୍‌ଭେସ୍
ଗେଜେଟର ଲେଖିବା ମୁତାବକ ପେସ୍‌ଶାୱାରର · ଅତି ପ୍ରାଚୀନ ଲୋକମାନେ
ଏପ୍ରକାର ଭୂମିକମ୍ପ କେବେ ଦେଖି ନଥିଲେ ।

ଗୋହାଟି ଆସାମରୁ ସମ୍ବାଦ ପ୍ରାପ୍ତ ହୋଇଅଛି ଯେ ସେଠାରେ ପ୍ରଚୁର
ବୈଦ୍ୟାବୃଷ୍ଟି ହୋଇଅଛି ।

ଏଡ଼ୁକେସନ ଗେଜେଟରୁ ଅବଗତ ହେଲୁଁ ଯେ ଦାସ ଝସ୍ତ ଶହସ୍ର ନମିତ୍ତ
ବଙ୍ଗଦେଶର ୭ଜଣ ମନୁଷ୍ୟ ଆଳପୁର ସେସିୟନରେ ସପୋର୍ଦ ହୁଅନ୍ତି ଦୁଇଜଣ ସ୍ତ୍ରୀ
ହଟା ନିଜସ୍ୱାର୍ଥ ଦାସ ଆମଦାନି କରୁଥିବାରୁ ତାଙ୍କୁ ୫ ବର୍ଷ ମିଆଦ ହୋଇଅଛି ଆଉ
ଲୋକମାନେ ଦାସ ନଷ୍ଟ କରିବା ଅପରାଧରେ ଦଣ୍ଡ ପାଇ ଅଛନ୍ତି ।

ଇଉରୋପରୁ ତାର ଖବର ଆସି ଅଛି ଯେ ଲଣ୍ଡନର ଲର୍ଡ ମେୟର ଭାରତ
ବର୍ଷର ଦୁର୍ଭିକ୍ଷ ବିଷୟରେ କାର୍ଯ୍ୟ ଅନୁସନ୍ଧାନ ନିମିତ୍ତ ଯେ ସମସ୍ତ ଲୋକଙ୍କୁ ନିଯୁକ୍ତ
କରିଅଛନ୍ତି । ଲର୍ଡ କ୍ରେନବ୍ରୋକ୍‌ଙ୍କ ସଙ୍ଗେ ତାହାଙ୍କର ସାକ୍ଷାତ ହୋଇଥିଲା ।
କ୍ରେନବ୍ରୋକ୍ ସାହେବ କହିଲେ ଯେ ଦୁର୍ଭିକ୍ଷ ପାଇଁ ଆଉ ଅଧିକ ସାହାଯ୍ୟ ଦାନର
ଆବଶ୍ୟକ ନାହିଁ । କାରଣ ଗବର୍ଣ୍ଣମେଣ୍ଟ ଯେ ରୂପ ଫଣ୍ଡ ସ୍ଥାପନ କରିଅଛନ୍ତି ସାହାଯ୍ୟ
କର୍ମ ନିମିତ୍ତେ ତାହା ଯଥେଷ୍ଟ ଅଟେ । ଆମ୍ଭେମାନେ ଏଥିର ବିବେଚନା କରୁଅଛୁ
ଯେ ଦୁର୍ଭିକ୍ଷର ପ୍ରକୃତ ବୃତ୍ତାନ୍ତ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବିଲାତକୁ ଲେଖିନାହାନ୍ତି
ତାହା ନ ହେଲେ ଯେ ସ୍ଥଳେ ସାହାଯ୍ୟ କର୍ମ ପ୍ରଚୁର ପରିମାଣରେ ହୋଇ ନଥିବାର
ସମସ୍ତେ ଜାଣନ୍ତି । ସେ ସ୍ଥଳେ ଭାରତବର୍ଷର ସେକ୍ରେଟରୀ କି ଟଙ୍କା ପ୍ରୟୋଜନ
ନଥିବାର ବ୍ୟକ୍ତ କରନ୍ତେ ?

ବଙ୍ଗଳାର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ବର୍ତ୍ତମାନ ଦାର୍ଜିଲିଂରୁ
କଲିକତାକୁ ଫେରି ଆସିଥିବେ । ଇଂଲିସମ୍ୟାନଙ୍କ କହିବା ଅନୁସାରେ ଗତ ମାସ
ତା ୨୨ ରିଖରେ ଉକ୍ତମହୋଦୟ ଦାର୍ଜିଲିଂ ତ୍ୟାଗ କରିବାର ସ୍ଥିର କରିଥିଲେ ।

ଆମ୍ଭେମାନେ ଅବଗତ ହୋଇ ଅଛୁଁ ଯେ କଲିକତାର ବିସପ୍ ପଦ୍ମାନନ୍ଦଙ୍କର
ପତ୍ର ମସଜିଦ୍‌ରୁ କି ପ୍ରକାରେ ଘଟଣା ହେଲା ଏ ବିଷୟ ଅନୁସନ୍ଧାନ କରିବା ନିମିତ୍ତ
ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି ?

ନୂତନ ଚାଉଳ କଟକ ସହରକୁ ଆସିବାକୁ ଆରମ୍ଭ ହୋଇଅଛି । ମାତ୍ର
ଅଦ୍ୟାପି ଦରର କିଛିମାତ୍ର ପରିବର୍ତ୍ତନ ହୋଇ ନାହିଁ । ବରଂ କାଞ୍ଚନ ଉପରକୁ

Split by PDF Splitter



ଯାଉଅଛି । ସରକାରୀ ଚାଉଳ ଦଶହରା ପୂର୍ବ ଧାନୁଆ ଟଙ୍କାକୁ ଦଶସେର ଓ ସବୁ ଟଙ୍କାକୁ ସାତସେର ବିକ୍ରି ହେଉଥିଲା ଦିନକୁଦିନ ଅଧିକ କି ହୁଅନ୍ତା ନା ବର୍ତ୍ତମାନ ଧାନୁଆ ଆଠସେରରୁ ଛଅସେର ବିକ୍ରି ହେଉଅଛି । ସରକାର ଖୁବ ବେଶୀ କିଣିବାରୁ ଦେଶୀୟ ମହାଜନମାନେ ମଧ୍ୟ ଚାଉଳ କିଣିକରିବାର ଉପଯୋଗ କରୁଅଛନ୍ତି । ଏଥିରେ ଦୀପାବଳୀ ଅମାବାସ୍ୟା ଉପସ୍ଥିତ । ଈଶ୍ବର ନ କରନ୍ତୁ ଯଦ୍ୟପି ଏ ସମୟ ଗତବର୍ଷପରି ଭୟାନକ ହୋଇ ଉଠଇ ତାହାହେଲେ କଟକସ୍ଥ ହାକିମଙ୍କ ଅବିଚାର ସେଥିର କାରଣ ହେବ ସନ୍ଦେହ ନାହିଁ । ଯାହାହେଉ ସରକାରଙ୍କୁ ଉଚିତ ଯେ ଏ ସମୟରେ ଲୋକଙ୍କୁ ଉତ୍ସାହଦେବା କାରଣ ଶସ୍ତା ଭାଉରେ ବିକ୍ରି କରନ୍ତୁ । ଫସଲ କଟାହେବା ସମୟରେ ଯେବେ ସରକାର ଅଧିକ ଦର ଧାର୍ଯ୍ୟ କରିବେ ତେବେ କୃଷିମାନଙ୍କୁ ଶସ୍ୟ ଶଟ୍ଟା କରିବା ସକାଶେ କେ ପ୍ରବର୍ତ୍ତାଇବ ?

ବାଲେଶ୍ବରର ଜଣେ ସମ୍ବାଦ ଦାତା ଲେଖନ୍ତି ଯେ ଏଠାରେ ଗୋଟିଏ କୁମ୍ପାନି ହୋଇଅଛି । ଏହି କୁମ୍ପାନିର ଉଦ୍ଦେଶ୍ୟ ଏହି ଯେ ଉତ୍କଳ ଭାଷାରେ ଯେତେ ଉତ୍କୃଷ୍ଟ ପ୍ରାଚୀନ ଗ୍ରନ୍ଥ ଅଛି ତାହା ସମୁଦାୟ କ୍ରମଶଃ ପ୍ରକାଶ କରିବେ । ଏହି କୁମ୍ପାନିର ଡ. ପି. ଦାସ ଏବଂ କୁମ୍ପାନି । ଏହାଙ୍କର କାର୍ଯ୍ୟ ନିର୍ବାହ ନିମନ୍ତେ "ଉତ୍କଳ ଭାଷା ଉନ୍ନତି ବିଧାୟିନୀନାମକ ସମାଜ ସ୍ଥାପିତ ହୋଇଅଛି ।

ଏ ଜିଲାର ପ୍ରଧାନ ଜମିଦାର ୰ ରାଧାଶ୍ୟାମ ଦାସଙ୍କ ପୁତ୍ର ଶ୍ରୀଯୁକ୍ତ ବାବୁ ରାମନାରାୟଣ ଦାସ ଓ ରାଧାରମଣ ଦାସ ଅତିଶୟ ଉତ୍ସାହି ଲୋକ ସମ୍ପ୍ରତି ଏମାନେ ଏ ସ୍ଥାନକୁ ଗୋଟିଏ ଛାପାଯନ୍ତ୍ର ଆଣିବାକୁ ସ୍ଥିର କରିଅଛନ୍ତି । କିହେବ ପରେ ଜଣାଯିବ ।

ଗତ କାଲିରେ ଜଣେ କନଷ୍ଟବଲ ଓ ଜଣେ ମେହେନ୍ତର ଗୋଟିଏ ଜୀବନ୍ତ କଙ୍କାଳକୁ ନଦୀରେ ପକାଇ ଦେଲେ ସେ ଶବ୍ଦ କରି ରୋଦନ କରିବାରୁ କେତେକଜଣ ଟ୍ରେନିଙ୍ଗ ବାଳକ ତାହାକୁ ଉଠାଇ ପୁଲିସରେ ଦେଲେ । ନେଟିବ ଡାକ୍ତର ବାବୁ ସାର୍ଟିଫିକେଟ ଦିଅନ୍ତି ଯେ ଚିକିତ୍ସା କଲେ ଏ ଆରାମ ହେବ । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ସନ୍ଧାନ କରୁଅଛନ୍ତି କି ହେବ ପରେ ଜଣାଇବୁ । କିନ୍ତୁ କନେଷ୍ଟବଲ ଓ ମେହେନ୍ତର କେଉଁ ଦିଗକୁ ପ୍ରସ୍ଥାନ କରିଅଛନ୍ତି ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ । ଦୁର୍ବୃତ୍ତମାନଙ୍କର ଅଭିପ୍ରାୟ କି ତାହା କିଛି ଜଣାଯାଏ ନାହିଁ ।

ଉକ୍ତ ସ୍ଥାନର ଅନ୍ୟ ଏକ ପତ୍ର ପ୍ରେରକ ଲେଖିଅଛନ୍ତି ଯଥା—ଗଙ୍ଗାଧରବାବୁ କଉନସିଲ ସେମ୍ବର ମହାଶୟଙ୍କ ପ୍ରଯତ୍ନରେ ସନ ୧୮୬୫ ସାଲରେ ବାର୍ଷିକ ପରୀକ୍ଷା ହୋଇଥିଲା ସେହି ପରୀକ୍ଷାର ପାରିତୋଷିକ ଦାନ ନିମନ୍ତେ ସେ (ଗଙ୍ଗାଧରବାବୁ) ଅନେକ ଚେଷ୍ଟା କରିବାର ଗତ ସୋମବାର ଅପରାହ୍ଣେ ବାଳକମାନେ ପାରିତୋଷିକ ପ୍ରାପ୍ତ ହୋଇଅଛନ୍ତି । ଏହି ପାରିତୋଷିକ ସଭାମାନେରହେ ଗବର୍ଣ୍ଣମେଣ୍ଟ ଇଂରାଜୀ

Digitized by srujanika@gmail.com

Split by PDF Splitter



ବିଦ୍ୟାଳୟରେ ହୋଇଥିଲା । ମେଯଷ୍ଟର, ଡାକ୍ତର ପ୍ରଭୃତି କେତେକ ସାହେବ ଏବଂ ଶ୍ରୀଯୁକ୍ତ ବାବୁ ଶ୍ୟାମାନନ୍ଦ ଦେ, ଶ୍ରୀଯୁକ୍ତ ବାବୁ ଜଗନ୍ମୋହନ ରାୟ ଓ ଶ୍ରୀଯୁକ୍ତ ମଉଲବି ମହମଦ ଅବଦୁଲମିଆଁ ପ୍ରଭୃତି କତିପୟ ସମ୍ଭ୍ରାନ୍ତ ଭଦ୍ରଲୋକ ଆହୂତ ହୋଇଥିଲେ । ମେଯଷ୍ଟର ସାହେବ ସମ୍ପ୍ରତି ଆସନ ଗ୍ରହଣେଚ୍ଛୁଙ୍କ ଅତିଶୟ ସନ୍ତୁଷ୍ଟ ହୋଇ ପୁରସ୍କାର ପ୍ରଦାନ କଲେ । ଏବଂ ଇଂରାଜୀ ଭାଷାରେ ହିତୋପଦେଶ ଗର୍ଭ ଗୋଟିଏ ବକ୍ତୃତା କଲେ । ଜଗନ୍ମୋହନ ବାବୁ ତହିଁର ଅର୍ଥ ବଙ୍ଗ ଭାଷାରେ ଛାତ୍ରମାନଙ୍କୁ ବୁଝାଇଲେ । ତଦୁପରେ ମଉଲବି ବାଳକମାନଙ୍କୁ ଲକ୍ଷ କରି ଉତ୍କଳଭାଷାରେ ଗୋଟିଏ ବକ୍ତୃତା କଲେ । ଦୁଇ ବକ୍ତୃତା ସନ୍ତୋଷଜନକ ଓ ଉତ୍ସାହଦାୟକ । ଆହୁରି ମେଯଷ୍ଟର ସାହେବ ବାଳକମାନଙ୍କୁ କହିଲେ ଯେ ତୁମ୍ଭମାନଙ୍କ ମଧ୍ୟରେ ଆପଣା ଆପଣା ଭଗିନୀ ମାନଙ୍କୁ ଶିକ୍ଷା ଦେଇ ଥାଅ କି ନା ତହିଁରେ ଛଗୋଟି ବାଳକ ଦଣ୍ଡାୟମାନ ହୋଇ ଆପଣା ଆପଣା ଭଗିନୀମାନଙ୍କୁ ଶିକ୍ଷା ଦେଉଥିବାର ବ୍ୟକ୍ତ କରିବାରେ ସାହେବ (ମେଯଷ୍ଟର) ଆହୁରି ସନ୍ତୁଷ୍ଟ ହୋଇ ଦୁଇଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କଲେ । ତଦୁପରେ ସଭା ଭଙ୍ଗହେଲା । ମହାଶୟ ଗଙ୍ଗାଧରବାବୁ ଏ ବିଷୟରେ ଚେଷ୍ଟାକାରୀ ନଥିଲେ ଏପ୍ରକାର କଦାଚ ହୋଇ ନଥାନ୍ତା ।

---

## ମୂଲ୍ୟପ୍ରାପ୍ତି

ଶ୍ରୀଯୁକ୍ତ ବାବୁ ସଦାନନ୍ଦ ଦାସ ଯାଜପୁର ... ... ... ଟ ୩ ଙ୍କା

ଶ୍ରୀଯୁକ୍ତ ବାବୁ ରୂପନାରାୟଣ ରାୟ ସନ ୧୮୭୭ ମସିହା ଅଗଷ୍ଟମାସଠାରୁ ... ... ଟ ୩ ଙ୍କା

ଶ୍ରୀଯୁକ୍ତ ବାବୁ ଲକ୍ଷ୍ମୀଧର ପଟ୍ଟନାଏକ ସନ ଏକଣଅକ୍ଟୁବର ମାସଠାରୁ ... ଟ ୫ ଙ୍କା

ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ଦାସ କଟକ ସ୍ନ ଏକ୍ନଅଗଷ୍ଟଠାରୁ ଏକବର୍ଷ ... ଟ ୫ ଙ୍କା

ଶ୍ରୀଯୁକ୍ତ ବଳରାମବସୁ ଏଜ୍ ଛମାସ ... ... ଟ ୨୪

ଶ୍ରୀଯୁକ୍ତ ବାବୁ ରଘୁନାଥବସୁ ଏଜ୍ନ ଏକବର୍ଷ ... ... ଟ ୫ ଙ୍କା

ଶ୍ରୀଯୁକ୍ତ ବାବୁ ହରମୋହନ ମିଶ୍ର କଟକ ଏଜନ୍ ... ଟ ୫ ଙ୍କା

ଯାନଯାତନ୍ କଟକ ... ... ଟ ୧ ।

---

ଏହି ଉତ୍କଳ ଦୀପିକା ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନୀର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

ଖଣ୍ଡ ୧ ଗ
୧୪ ସଂଖ୍ୟା

ତା ୧୦ଖ ମାହେ ନବମ୍ବର
ସନ ୧୮୬୬ ମସିହା । ମୁ ।
ତା ୨୭ନ କାର୍ତ୍ତିକ ସନ
୧୨୭୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫.୦୦
ବର୍ଷାନ୍ତେ ମୂଲ୍ୟ ଦେଲେ
ବର୍ଷକୁ ଟ ୬.୦୦
ମଫସଲ ଗ୍ରାହକଙ୍କ ମୂଲ୍ୟ ଛଡ଼ା
ଡାକ ମାସୁଲ ବ ୧ ବର୍ଷକୁ
ଟ ୩ ।


# ଓଡ଼ିଶାର ଆଗାମୀ ବନ୍ଦୋବସ୍ତ

ଚିରଦିନ କଦାଚ ସମାନରୂପେ ଚଳଇ ନାହିଁ । ମନୁଷ୍ୟଙ୍କୁ କ୍ରମରେ ସୁଖ ଓ ଦୁଃଖ ଉଭୟ ଅବସ୍ଥା ଭୋଗ କରିବାକୁ ହୁଅଇ । ଈଶ୍ୱର କାଣୁ କାଣୁ ଆପଣା ସୃଷ୍ଟ ଜୀବନଙ୍କୁ କ୍ଲେଶ ଦେବାଲାଗି ଦୁର୍ଘଟଣାରେ ପତିତ କରନ୍ତି କି ନାହିଁ ଏକଥା ବିଗ୍ରହ କରିବା କଷ୍ଟକର କାରଣ ସମସ୍ତ ବିଷୟରେ ତାହାଙ୍କର ଅଭିପ୍ରାୟ ଲକ୍ଷ୍ୟକରିବାକୁ ମନୁଷ୍ୟ ସମର୍ଥ ନୁହଇ । ଏହିମାତ୍ର କହିବୁ ଓ ଏହା ସମସ୍ତଙ୍କର ପ୍ରତ୍ୟକ୍ଷ ହେଉଅଛୁ ଯେ ଯାବତୀୟ ଦୁଘଟଣାରୁ ଏକ ଏକ ସୁଫଳ ପ୍ରାପ୍ତ ହୁଅଇ ଓ ତାହା ପ୍ରାପ୍ତ ହେଲମାତ୍ରକେ ଈଶ୍ୱରଙ୍କର ଅସୀମ କରୁଣା ଓ ଚତୁ୍ରପାଳକର ଅଚିନ୍ତ୍ୟ କୌଶଳର ପରିଚୟ ପାଇ ଜୀବ ମାତ୍ରକେ ବିସ୍ମୟାପନ୍ନ ହୁଅନ୍ତି । ଓଡ଼ିଶ୍ୟାର ବର୍ତ୍ତମାନ ଦୁରବସ୍ଥା ଯେ କି ହେତୁ ହୋଇଅଛୁ ତାହା ବ୍ୟକ୍ତ କରିବାକୁ କେହି ସକ୍ଷମ ନାହିଁ ମାତ୍ର ଏ ଦୁଃଖର ଶେଷ ନ ହେଉଣୁ ଏଥିର ମଙ୍ଗଳ-ସାଧକ ବିଧାନର ଆଦର୍ଶ ଦୃଷ୍ଟିଗୋଚର ହେଉଅଛୁ । ବନ୍ଦୋବସ୍ତ ଶେଷ ସମୟରେ ଯେ ଆମ୍ଭମାନଙ୍କର ଦୁର୍ଦ୍ଦଶା ପଡ଼ିଅଛୁ କେବଳ ଏହି ଘଟଣାରୁ ହଠାତ୍ ଆମ୍ଭମାନଙ୍କ ମନରେ ଏପରି ହେଉଅଛୁ ଯେ ଆଗାମୀ ବନ୍ଦୋବସ୍ତରେ ଅମ୍ଭମାନଙ୍କର କିଛି ଭଲ ହୋଇ ପାରିବ । ଯଦ୍ୟପି ବାସ୍ତବରେ ଦୁଃଖ ଆମ୍ଭମାନଙ୍କର ପ୍ରକୃତ ଶିକ୍ଷକ ହୁଅଇ ଓ ଦୁଃଖଗ୍ରସ୍ତ ନହେଲେ ଅମ୍ଭେମାନେ ମୋହ ଦ୍ୟୋଗ ପୂର୍ବକ ଅମ୍ଭମାନଙ୍କର ଯଥାର୍ଥ ଅବସ୍ଥା ଜାଣି ନପାରୁଁ ତାହାହେଲେ ବର୍ତ୍ତମାନ ବର୍ଷର ଶସ୍ୟ ହାନି ଯେ ଅମ୍ଭମାନଙ୍କ ଭବିଷ୍ୟତରେ ସୁ ଏହ୍ୟ ଯେ ରୂପେ ହୁଅଇ ସେଥିର ଉପାୟ କରିବା ଉଚିତ୍ ବୋଲି

Digitized by srujanika@gmail.com

Split by PDF Splitter



ଅଛୁ । ଏଥିରେ କିଛୁ ସନ୍ଦେହ ନାହିଁ ଏଥିକୁ କେଉଁ ଉପାୟମାନ ଅବଲମ୍ବନ କଲେ ସକଳ ସମୟରେ ନିୟମିତ ପରିମାଣରେ ଫସଲ ପ୍ରାପ୍ତ ହେବ । ତାହା ଚିନ୍ତା କରିବା ସମସ୍ତଙ୍କ ଆବଶ୍ୟକ ।

ଆମ୍ଭମାନଙ୍କ ବିବେଚନାରେ ଏ ଗୁରୁତର ଉଦ୍ଦେଶ୍ୟ ସାଧନର ପ୍ରଥମ ସୋପାନ ଏହି ଯେ ପ୍ରଜା ଓ ଜମିଦାରଙ୍କ ଅବସ୍ଥା ଯଦ୍ଧିରେ ଉନ୍ନତ ହୋଇପାରେ ତାହା କରିବାକୁ ହେବ । କାରଣ ଶସ୍ୟ ଉତ୍ପନ୍ନ ବ୍ୟବସାୟ ଯେ ପରିମାଣରେ ଏହାଙ୍କୁ ଫଳଦାୟକ ହେବ ସେ ପରିମାଣରେ ଏମାନେ ଫସଲ ପ୍ରସ୍ତୁତ କରିବାରେ ଯତ୍ନବାନ ହେବେ ଓ କ୍ରମେ କୃଷି ବିଦ୍ୟାରେ ପାରଦର୍ଶୀ ହୋଇ ଅନାୟାସରେ ଦୁର୍ଭିକ୍ଷ ନିବାରଣ କରିପାରିବେ । ତେବେ କି ପ୍ରକାରରେ ଏମାନଙ୍କର ଭଲ ଅବସ୍ଥା ହେବ ? ଆମ୍ଭେମାନେ ବିବେଚନାରେ ଚିରସ୍ଥାୟୀ ବନ୍ଦୋବସ୍ତରେ ତାହା ହେବ ର ସମ୍ଭବ । ଯେପର୍ଯ୍ୟନ୍ତ ତାହା ନହୋଇଅଛି ସେପର୍ଯ୍ୟନ୍ତ ଜମିଦାରଙ୍କର ସମ୍ପତ୍ତି ପ୍ରତି ଯାଦୃଶ ମାୟା ହେଲେ ସର୍ବସାଧାରଣ ମଙ୍ଗଳ ହେବ ତାଦୃଶ ମାୟା ହେଉନାହିଁ । ସମସ୍ତେ ଜାଣନ୍ତି ଯେ ଥରେ ମରିବାକୁ ହେବ ମାତ୍ର ଯେ ବ୍ୟକ୍ତି ଜାଣିପାରିଲି ଯେ ତାକୁ ଅମୁକ ଦିନ କି ଏତେ ବର୍ଷରେ ମରିବାକୁ ହେବ ତେବେ ସେ ସଂସାରର ଯାବତ୍ ବ୍ୟାପାରରେ ନିରୁତ୍ସାହ ହୋଇ ଆପଣା କର୍ତ୍ତବ୍ୟ କର୍ମମାନ ସାଧନ କରିବାରେ ସମ୍ପୂର୍ଣ୍ଣ ରୂପେ ତ୍ରୁଟି କରିଲି । ସେହି ରୂପ ଯଦ୍ୟପି କି ଏହା ସତ୍ୟ ଯେ ଖଜଣା ନଦେଲେ ଜମିଦାରୀ ରହିବ ନାହିଁ ମାତ୍ର ଅମୁକ ଦିନ କି ଏତେବର୍ଷ ଉତ୍ତାରୁ ଖଜଣା ଦେଲେ ସୁଦ୍ଧା ସେ ତାଙ୍କର ଅଧିକାର ଶେଷହେବ ଏକଥା ଜମିଦାରର ମନରେ ଜାଗରିତ ରହିଲେ ସେ କଦାଚ ଆପଣା ସମ୍ପତ୍ତିର ବିଶେଷ ଯତ୍ନ କରିବ ନାହିଁ । ଜମିଦାରମାନେ ଯଦ୍ୟପି ରଇତଙ୍କ ପ୍ରତି ଅତ୍ୟାଚାର କରନ୍ତି ସେଥିରେ ଏକ କାରଣ ଏହି ଯେ ଚିରସ୍ଥାୟୀ ବନ୍ଦୋବସ୍ତ ନଥିବାରୁ ରଇତଙ୍କଠାରେ ତାଙ୍କର ସ୍ନେହ ରହୁନାହିଁ । ସେମାନେ କେବଳ ଏହିମାତ୍ର ବିବେଚନା କରନ୍ତି ଯେ ଯେତେକାଳ ତାଙ୍କ ହସ୍ତରେ ଜମିଦାରୀ ଅଛି ସେକାଳ ମଧ୍ୟରେ ଯେରୂପେ ହେଉ ଅଧିକ ଲାଭ କଲେଇ ଲାଭ ହେଲା । ଉତ୍ତର କାଳରେ ସମ୍ପତ୍ତି ତାଙ୍କର ରହିବ କି ନାହିଁ ତାହାର ନିଶ୍ଚୟ ନାହିଁ । ତେବେ କାଳକ୍ଷେପଣ କରିବାର ପ୍ରୟୋଜନ କି ।

ବର୍ତ୍ତମାନ ଦୁର୍ଭିକ୍ଷର ଅନ୍ୟ ଯେ କିଛି କାରଣ ଥାଉନା କାହିଁକି ଏହା ମଧ୍ୟ ଅନେକ ପରିମାଣରେ ସତ୍ୟ ଯେ ବନ୍ଦୋବସ୍ତର ଶେଷ ଦେଖି ଜମିଦାର ଓ ରଇତ-'ମାନେ କୃଷି କରିବାରେ ଯତ୍ନ କଲେନାହିଁ । ସେମାନେ ମନେକଲେ ଯେ ଅଧିକ ଜମି ପଡ଼ିଆ ଓ ଜମିର ଉତ୍ପନ୍ନଶକ୍ତି ନିକୃଷ୍ଟ ଦେଖାଇ ପାରିଲେ ତାହାଙ୍କର ଖଜଣା ବୃଦ୍ଧି ହେବନାହିଁ ।

Digitized by srujanika@gmail.com

Split by PDF Splitter



ଏଥିକୁ ଇଦ୍, ଦେବତା ତାଙ୍କର ଆଶା ପୂର୍ଣ୍ଣ କରିନ୍ତୁ କିନ୍ତୁ ଅଧିକ ଅନୁକୂଳ ହେବାରୁ ଆମ୍ଭମାନଙ୍କର ଏ ନିଦାରୁଣ କାଳ ଉପସ୍ଥିତ ହୋଇଅଛି । ଫଳତଃ ଦୁର୍ଭିକ୍ଷର ଏ ଏକ ଗୁରୁତର କାରଣ ଓ ଆମ୍ଭେମାନେ ଭରସା କରୁ ଯେ ଆମ୍ଭମାନଙ୍କର ଶାସନ କର୍ତ୍ତାମାନେ ଏ ବିଷୟରେ ବିଶେଷ ଦୃଷ୍ଟି ରଖିବେ, ଚିରସ୍ଥାୟୀ ବନ୍ଦୋବସ୍ତ ନହେଲେ ଦେଶର କଦାଚ ମଙ୍ଗଳ ହେବାର ଉପାୟ ନାହିଁ ଓ ସରକାର ସୁବିସ୍ତର ପୂର୍ବକ ଏ କମିଟି କଲେ ଅବଲମ୍ବରେ ଯେଥିର ଫଳ ଦେଖାଯିବ ପ୍ରଥମେ ଏକ ସ୍ଥାନରେ ସ୍ଥିର ହୋଇ ବସିବାର ଆବଶ୍ୟକ । ତତ୍ପରେ ଆଉ ଆଉ ବିଷୟରେ ମନୋଲଗ୍ନ ହେବ । ଯେ ପର୍ଯ୍ୟନ୍ତ ଗଛର ଚେର ଗାଢ଼ ରୂପେ ଭୂମିକୁ ଆକର୍ଷଣ କରିନାହିଁ ସେ ପର୍ଯ୍ୟନ୍ତ କି ତାହାର ଶାଖା ପ୍ରଶାଖା ଓ ପଲ୍ଲବାଦି ବିସ୍ତୀର୍ଣ୍ଣ ହେବ କି ତହିଁରୁ କିଛି ଫଳ ପ୍ରାପ୍ତ ହେବ ? ଯାହାହେଉ, ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଜ୍ଞାତ ହୋଇଅଛୁଁ ଯେ ଗବର୍ଣ୍ଣମେଣ୍ଟରେ ଓଡ଼ିଶା ଚିରକାଳ ସକାଶେ ବନ୍ଦୋବସ୍ତ ହେବାର ପ୍ରସଙ୍ଗ ଉପସ୍ଥିତ ହୋଇଅଛି । କଲିକତାର ସମ୍ବାଦପତ୍ର ମାନଙ୍କରେ ଏଥିର ଉଲ୍ଲେଖ ହୋଇଅଛି ହିନ୍ଦୁ ପେଟ୍ରିଅଟରୁ ଅବଗତ ହେଲୁ ଯେ ବୋର୍ଡ଼ରେବିନ୍ୟୁ ଓଡ଼ିଶା ପ୍ରଦେଶ ଚିରକାଳ ବନ୍ଦୋବସ୍ତ କରିବା ପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଥିବାର ଜଣେ ସମ୍ପାଦକ ଲେଖି ଅଛନ୍ତି । ବୋର୍ଡ଼ର ଜଣେ ମେମ୍ବର ଶ୍ରୀଯୁତ ଗ୍ରୋଟ ସାହେବ ସାଧାରଣ ରୂପେ ଏଥିର ପ୍ରସ୍ତାବ କରିଅଛନ୍ତି ମାତ୍ର ଅନ୍ୟ ମେମ୍ବର ଶ୍ରୀଯୁତ ସାକ ସାହେବ ତହିଁରୁ କେତେକ ବିସ୍ତାରିତ ବର୍ଣ୍ଣନା କରି ଅଛନ୍ତି ସେ ଲେଖିଛନ୍ତି ଯେ ବର୍ତ୍ତମାନ ବନ୍ଦୋବସ୍ତ ମିଆଦ ଶେଷଠାରୁ ଚିରକାଳୀନ ବନ୍ଦୋବସ୍ତ ଆରମ୍ଭ ହେବ । ଏ ବନ୍ଦୋବସ୍ତରେ ସାବକ ଜମା ଧାର୍ଯ୍ୟ କରାଯାଇ କେବଳ ଗତ ବନ୍ଦୋବସ୍ତ କାଗଜରେ କୃଷି ଯୋଗ୍ୟ ବୋଲି ଯେ ଜମିମାନ ଲେଖା ଯାଇଅଛି ସେଥି ଉପରେ ପୁରା ଜମା ଧରାଯିବ ଓ ଜମିଦାରର ମାଲିକାନା ସଙ୍ଗତରେ ମୋଫସଲ ଜମା ଉପରେ ଶତକଡ଼ା ୪୦ ଟଙ୍କା ଲେଖାଏ ଦିଆଯିବ । ସମସ୍ତ ବନ୍ଧ ନିର୍ମାଣ ଓ ମରାମତ କରିବା ଖର୍ଚ୍ଚ । ଜମିଦାରଙ୍କୁ ସହିବାକୁ ହେବ ଓ ବନ୍ଧନିର୍ମାଣ କି ମରାମତ ଦୋଷରୁ ଯେଉଁବର୍ଷ ଧୋଇ ଦ୍ୱାରା ଅତ୍ୟନ୍ତ ଶସ୍ୟ ହାନି ହୁଅଇ କେବଳ ସେହିବର୍ଷ ସରକାର ରାଜସ୍ୱରୁ ଉପଯୁକ୍ତ ମିନ୍ହା ଦେବେ । ଜମିଦାରର ଅଧୀନସ୍ଥ ହକସ୍ୱତମାନ ଯେ ରୂପ ଚଳିତ ବନ୍ଦୋବସ୍ତରେ ସୁରକ୍ଷିତ ହୋଇଅଛି ସେହିପରି ଥିବ ଓ ସନ ୧୮୫୯ ମସିହାର ଦଶ ଆଇନ ଅନୁସାର ଯୋତ କରିବାର ଅଧିକାର ପ୍ରାପ୍ତ ରୟତର ଅବସ୍ଥା ପରି ଥାନି ରୟତର ଅବସ୍ଥା ହେବ କେବଳ ଉକ୍ତ ଆଇନ ଅନୁସାରେ କର ବଢ଼ାଇବାର ଯେ ଅଧିକାର ଅଛି ଏପ୍ରକାର ରୟତ ଉପରେ ସେଥିରେ କିଛି ନ୍ୟୂନାଧିକ ବିଧାନ ହେବ ।

ଏ ନିୟମମାନ କି ପର୍ଯ୍ୟନ୍ତ ଉପକାରୀ ହେବ ତାହା ଜମିଦାରମାନେ ସ୍ୱୟଂ ବିବେଚନା କରି ତାହାଙ୍କର ଯାହା ଏ ବିଷୟରେ ବକ୍ତବ୍ୟ ଓ ଯାହା ଏ ବିଷୟରେ

Digitized by srujanika@gmail.com

ପରିବର୍ତ୍ତନ କରିବାର ଆବଶ୍ୟକ ଏ ସମସ୍ତ ଲେଖି ଏ ଦରଖାସ୍ତ ବୋର୍ଡ଼କୁ ପ୍ରେରଣ କରନ୍ତୁ ଏଥିରେ କାଳକ୍ଷେପଣ କରିବାର ଅନାବଶ୍ୟକ କାରଣ ଏପରି ସୁଯୋଗ ପୁନର୍ବାର ଶୀଘ୍ର ପ୍ରାପ୍ତ ହେବାର ଆଶା ନାହିଁ । ଆମ୍ଭେମାନେ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କ ସୁବିଚାରାର୍ଥେ ଆଗତ କରୁଅଛୁଁ ଯେ ଯେମନ୍ତ କ ଗୋଚର ଜମି ଉପରେ ଜମିଦାର କଦାଚ ହସ୍ତକ୍ଷେପ କରି ନପାରନ୍ତି ଓ ମୌଜାର ନିବାସୀଙ୍କ ଦରଖାସ୍ତ ମତେ ତାହା ପ୍ରମାଣ ହେଲେ ଯେ ରୂପେ ତାଙ୍କ ଅର୍ଥଦଣ୍ଡ ଦେବାକୁ ହେବ ଏଥିର କିଛି ସର୍ତ୍ତ ଜମିଦାରଙ୍କ କବୁଲିୟତରେ ଲେଖାଯିବାର ଆଜ୍ଞା ହେବ । ଏ ଦେଶରେ ଗୋରୁ ବଳରେ ଶସ୍ୟ ଉତ୍ପନ୍ନ ହୁଅଇ ଅତଏବ ଗୋରୁକୁଳର ରକ୍ଷା କରିବା ଯେ ସର୍ବସାଧାରଣର କ ପର୍ଯ୍ୟନ୍ତ ମଙ୍ଗଳକାରୀ ତାହା ବର୍ଣ୍ଣନ ବାହୁଲ୍ୟ ମାତ୍ର ଅନେକ ଜମିଦାର ତାହା ଜ୍ଞାନ ନକରି ଅଳ୍ପ କର ଲୋଭରେ ଏପ୍ରକାର ଜମି ରୟତଙ୍କୁ କୃଷିପାଇଁ ପଟ୍ଟା ଦିଅନ୍ତି ।

---

## ଦୁର୍ଭିକ୍ଷରେ ସରକାରରୁ କି ରୂପ ସାହାଯ୍ୟ ହୋଇଅଛି

ଆମ୍ଭେମାନେ ଏଥି ପୂର୍ବ ବ୍ୟକ୍ତ କରିଥିଲୁ ଯେ ସାହାଯ୍ୟର ଅବସ୍ଥା ବର୍ଣ୍ଣନ କରିବୁଁ ମାତ୍ର ଅବକାଶାଭାବରୁ ଆଜପର୍ଯ୍ୟନ୍ତ ତାହା କରିବାକୁ ଅକ୍ଷମ ଥିଲୁଁ । ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁତ କର୍ଣ୍ଣେଲ ସାହେବଙ୍କ ପକ୍ଷରେ ଗବର୍ଣ୍ଣମେଣ୍ଟ ଯେ ରୂପ ବିଚାର କରିଅଛନ୍ତି ସେଥିରୁ ଅନେକ ଲୋକର ଏହି ଭ୍ରମ ହୋଇଥିବ ଓ ସେ ତାହାଙ୍କ ଅନୁପଯୁକ୍ତତାରୁ ସାହାଯ୍ୟ କର୍ମ ଉତ୍ତମ ରୂପେ ନିର୍ବାହ ହୋଇ ପାରୁନାହିଁ । ପ୍ରକୃତରେ ତାହା ନୁହଇ କର୍ଣ୍ଣେଲ ସାହେବଙ୍କର ଯେ ଏଥିରେ କିଛି ସମ୍ପର୍କ ନାହିଁ ଏହା ଆମ୍ଭେମାନେ କହୁନାହୁଁ ମାତ୍ର ଯାବତୀୟ ସ୍ଥାନୀୟ ସରକାରୀ ସାହାଯ୍ୟ ବିତରଣ କର୍ତ୍ତା ମାନଙ୍କର ଉଣା ଅଧିକରେ ଅଦୂରଦର୍ଶିତା ପ୍ରକାଶ ପାଇଅଛି ଓ ଅବଶ୍ୟ କେତେକ ଧନାଢ୍ୟ ବ୍ୟକ୍ତିଙ୍କ କାର୍ଯ୍ୟରୁ ମଧ୍ୟ ରେବନ୍ସ ହାକିମମାନେ କସ୍ତୁ-ଦଂଶରେ ଭ୍ରମ ଚକ୍ରରେ ପତିତ ହୋଇଥିଲେ ଏଥିର ବାହୁଲ୍ୟକ୍ରମେ ବର୍ଣ୍ଣନା କରୁଅଛୁଁ । ଗତବର୍ଷ ଅକ୍ଟୋବର ମାସ ୨୧ ତାରିଖରେ ଦୁର୍ଭିକ୍ଷର ପ୍ରଥମ ସଙ୍କେତ ପ୍ରାପ୍ତ ହେଲାରୁ ନଗରବାସୀ ସମସ୍ତେ ବ୍ୟକ୍ତ କଲେ ଯେ ଦେଶରେ ପ୍ରଚୁର ଶସ୍ୟ ଅଛି ମାତ୍ର ବ୍ୟବସାୟୀମାନେ ଲାଭାଶାରେ ଅନର୍ଥ ଜାତ କରିଅଛନ୍ତି ଓ ସେ ସମୟରେ ବୃନ୍ଦାବନ ମାରୁଆଡ଼ି ଆପଣାର କିଞ୍ଚିତପୂର୍ବ ସଞ୍ଚିତ ଚାଉଳ ମହା-ଆଡ଼ମ୍ବରରେ ୧୨ ସେର ଭାଉରେ ବିକ୍ରି କଲାରୁ ହାକିମ ଓ ଭଦ୍ରଲୋକମାନେ ସମସ୍ତେ ଉପଯୁକ୍ତ କଥାରେ ବିଶ୍ୱାସ କଲେ ଓ ସେହିକଥା ଅବଲମ୍ବନ କରି

Digitized by srujanika@gmail.com

Split by PDF Splitter



କମିସ୍ନର ସାହେବ ବୋର୍ଡକୁ ଲୋକଙ୍କର ଉଦ୍ଧାରକ ନହେବାର ଆଜ୍ଞା ଶୁଣାଇଲେ । ଅନାବୃଷ୍ଟିରୁ ଶସ୍ୟର ଷତି ହୋଇଥିବାର ସମସ୍ତେ ଜାଣୁ ଜାଣୁ ଏହି ଜନରବ କଲେ ଯେ ଅମୁକ ଚୌଧୁରୀ ଦୁଇବର୍ଷ ଅମୁକ ସାମନ୍ତ ଏକବର୍ଷ କି ଅମୁକ ରାଜା ତିନ ବର୍ଷ ଏକାକେ ଦେଶରକ୍ଷା କରିପାରନ୍ତି । ଦ୍ୱିତୀୟରେ ଯେବେ କି ଶ୍ରୀଯୁକ୍ତ ମନି ସାହେବ ସାବକ କଲେକ୍ଟର ମଫସଲ ଗସ୍ତକୁ ଗଲେ ସେତେବେଳେ ସେ ମୋଫସଲ ଦର୍ଶନ କରିଥିବା ପ୍ରତକ୍ଷେ ଫସଲର ଯଥାର୍ଥ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କ ଜ୍ଞାତସାରରେ ଆଣିବାକୁ କିଛି ରିପୋର୍ଟ କଲେ ନାହିଁ । ତାହା ହୋଇଥିଲେ ସରକାର ଅବଶ୍ୟ ସାବଧାନ ହୋଇଥାନ୍ତେ । ତୃତୀୟରେ କମିସ୍ନର ସାହେବ ବାଲେଶ୍ୱର ଗଞ୍ଜାମ ଇତ୍ୟାଦି ସ୍ଥାନମାନ ଭ୍ରମଣ କରି ଲୋକଙ୍କ ଦୁର୍ଦ୍ଦଶାର ଆଦ୍ୟକାଣ୍ଡ ସ୍ୱଚକ୍ଷୁରେ ଦେଖି ତାହା ଅବହେଳା କଲେ ଓ କେବଳ ଜମିଦାରଙ୍କୁ ଗ୍ରହଣ ବନ୍ଦି କରିବାକୁ ପୁନଃ ପୁନଃ ଅନୁରୋଧ କରି କ୍ଷାନ୍ତ ରହିଲେ । ଚତୁର୍ଥରେ ଯେତେବେଳେ ମାନ୍ୟବର ଶ୍ରୀଯୁକ୍ତ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଏ ଦେଶକୁ ଆଗମନ କଲେ ସେ ସମୟରେ ଧନୀ-ଠାରୁ ଦରିଦ୍ର ପର୍ଯ୍ୟନ୍ତ ସମସ୍ତ ପ୍ରଜା ଅକାଳର କଥା ତାହାଙ୍କଠାରେ ଅନବରତ ଗୁହାରି କରିବାରୁ ଉକ୍ତ ମହୋଦୟ ସେକଥାରେ ଭ୍ରୂକ୍ଷେପ ନକରି କେବଳ ପରେଟ ତୋପ ଦରବାର ଇତ୍ୟାଦି ତମାସା ଦେଖାଇ ଜନମାନଙ୍କୁ ସନ୍ତୁଷ୍ଟ କରିଗଲେ ଓ ଦରବାରରେ ଅକାଳ ବିଷୟରେ ଯାହା ବ୍ୟକ୍ତ କଲେ ତାହା ଅବଶ୍ୟ ସମସ୍ତଙ୍କ ମନରେ ଥିବ ଫଳତଃ ସ୍ଥାନୀୟ ହାକିମଙ୍କ ଅପେକ୍ଷା ସେ ଆପଣା ଗୁରୁତର ବୁଦ୍ଧିର ଚିହ୍ନ କି ଦେଖାନ୍ତେ ନା ସେମାନଙ୍କର ଭ୍ରମର ଭାଗୀ ହୋଇ ପ୍ରସ୍ଥାନ କଲେ ।

ଅତଏବ ସମସ୍ତ ସରକାରୀ କର୍ମଚାରୀମାନେ ଦୁର୍ଭିକ୍ଷର ପ୍ରଥମାବସ୍ଥାରେ ତାହାକୁ ଆସ୍ଥା ନକରିବାରୁ ସମସ୍ତେ ଆପଣା ଆପଣା କର୍ମରେ ତ୍ରୁଟି କରିଅଛନ୍ତି ବୋଲି ଆମ୍ଭେମାନେ ସ୍ୱୀକାର କରିବାକୁ ବାଧିତ ହେଉଅଛୁଁ । ଏହିମତେ ଅକ୍ଟୁବର ମାସ-ଠାରୁ ଅପ୍ରେଲ ମାସ ପର୍ଯ୍ୟନ୍ତ ଗତ ହେଲା । ସହରରେ କ୍ରମେ ଶସ୍ୟର ଦର ବଢ଼ିଲା ଓ ମୋଫସଲରୁ ସମସ୍ତ ଶସ୍ୟ ଝାଡ଼ିଝୁଡ଼ି ହୋଇ ବନ୍ଦି କମିଶ ସହରକୁ ଆସିବାରୁ କ୍ରମେ ଦେଶ ଶସ୍ୟଶୂନ୍ୟ ହେଲା ଓ ଲୋକମାନେ ଏକ ଏକ ହୋଇ ଅନାହାରରେ ଯମନଭବନକୁ ଯାତ୍ରା କଲେ । ତଥାପି ସରକାରୀ କର୍ମଚାରୀମାନେ ନିଦ୍ରାରେ ପ୍ରଚୁର ଶସ୍ୟର ସ୍ୱପ୍ନ ଦେଖୁଥିଲେ । ଏଥିକୁ ମଇମାସ ପ୍ରାନ୍ତ ଭାଗରେ ଯେତେବେଳେ ଚାଉଳ ୪ ସେରରେ ଅପ୍ରାପ୍ତ ହେଲା ଓ ପ୍ରାପ୍ତିର ସକଳ ଆଶାଭରସା ବିଫଳ ହେଲା ସେତେବେଳେ ପଲଟନ ସିପାହୀମାନେ ଆପଣା ଆପଣା ଦୁଃଖ ସରଦାର ସାହେବଙ୍କ-ଠାରେ ଜଣାଇବାରୁ ସେମାନେ ରେବନ୍ସ ହାକିମମାନଙ୍କୁ ଚାଉଳ ପାଇଁ ଚେଷ୍ଟା କଲେ ଓ ତାହାଙ୍କ ଧମକରେ ତତ୍‌କ୍ଷଣାତ୍ କଲେକ୍ଟର କମିସ୍ନରଙ୍କୁ ଓ କମିସ୍ନର ଗବର୍ଣ୍ଣମେଣ୍ଟଙ୍କୁ ଖବର ପଠାଇ ଚାଉଳ ଆଣାଇବାର ଉଦ୍ୟମ କଲେ । ଯେବେ ପଲଟନ ଏଠାରେ

Digitized by srujanika@gmail.com

Split by PDF Splitter


ନଥାନ୍ତା ବୋଧ ହୁଅଇ ଚାଉଳ ଅଣାଇବାର ଉଦ୍ୟମ ଆହୁରି କେତେକାଳ ଅନ୍ତେ ହୋଇଥାନ୍ତା କି ନାହିଁ କୁହାଯାଇ ନପାରେ । ବୋର୍ଡ ସାହେବମାନେ ଏଥିରେ ଆଲସ୍ୟ କରିନାହାନ୍ତି ସେମାନେ ବୃଥା ବାଗ୍‌ବିତଣ୍ଡା ସୃଜନା କରି କେତେକ ଦିନ ଚାଉଳ ପଠାଇପାରେ ବାଧା ଦେଲେ ।

ଯାହା ହେଉ ଜୁନମାସ ପ୍ରଥମ ସପ୍ତାହରେ ଦୁଇ ଜାହାଜ ଚାଉଳ ବନ୍ଦରଘର ଠାରେ ପ୍ରବେଶ ହେଲା ମାତ୍ର ତାହା କଟକ ଓ ମଫସଲରେ ଯଥେଷ୍ଟ ପରିମାଣରେ ପ୍ରବେଶ ହେଉ ହେଉ ପ୍ରାୟ ଦେଢ଼ କି ଦୁଇମାସ ବିଳମ୍ବ ହେଲା ଓ ଏହି ସମୟରେ ଦେଶର ଅଧିକାଂଶ ଲୋକ ଅନାହାରରେ ନାଶ ହେଲେ । ଚାଉଳ ଉତ୍ତାରିବା ଓ ଚଳାଇବାରେ ଯେ ବିଳମ୍ବ ହେଲା ସେଥିରେ ଯେବେ କର୍ମଚାରୀ ଦୋଷ ନାହିଁ କାରଣ ତାହାର ସକଳ ପ୍ରବଂରେ ଏ ଜିଲ୍ଲାରେ ନଥିଲା ମାତ୍ର କମିସ୍ନର ସାହେବ ଯେବେ ବନ୍ଦରଘରଠାରେ ଅଧିକାଂଶ ଚାଉଳ ବିକ୍ରି କରିଦେଇ ଥାନ୍ତେ ତାହାହେଲେ ମହାଜନମାନେ ଆପେ ନାନା ସ୍ଥାନରେ ପ୍ରବେଶ କରାଇଥାନ୍ତେ ଓ ସରକାର [illegible] କି ତ୍ରୁଟିରେ ପଡ଼ନ୍ତେ ନାହିଁ । ମାତ୍ର ତାହା କରିବାର ତ କ୍ଷମତା ଥିଲାନାହିଁ । କାରଣ ଯେ ରୂପେ ସ୍ଥାନୀୟ ହାକିମମାନେ ପ୍ରଥମେ ପ୍ରଚୁର ଶସ୍ୟ ଥିବାର ଭ୍ରମରେ ପଡ଼ିଥିଲେ ଏତେବେଳେ ଜିଲ୍ଲାର ଯଥାର୍ଥ ଅବସ୍ଥା ଜାଣି ନପାରି ଅଳ୍ପ ପରିମାଣରେ ଚାଉଳ ଅଣାଇବାରୁ କାହାରିକୁ ଭଲରୂପେ ଚାଉଳ ଦେଇ ପାରିଲେ ନାହିଁ ଓ ବୃଥାରେ ସାଧାରଣ ସମ୍ପତ୍ତିର ବିଶେଷ ଅପବ୍ୟୟ କଲେ । ସେମାନେ ମନେକଲେ ଯେ ଅଧିକ ଚାଉଳ ଲୋକଙ୍କୁ ଦେଲେ ସେମାନେ ବଂଶେଷ ଲଭପାଇଁ ସମା ରଖିବେ । ମାତ୍ର ବୁଝିଲେ ନାହିଁ ଯେ * ସେରଟେ କେତେ ଚାଉଳ କିଣିବାର ଲୋକଙ୍କର ବଳ ଅଛି । ଯେବେ ଜିଲ୍ଲାର ଦରକାର ଅନୁସାରେ ଚାଉଳ ଆସି ବନ୍ଦରଘରଠାରେ ମହାଜନଙ୍କୁ ବିକ୍ରି ହୋଇଥାନ୍ତା ଓ ସରକାର ତରଫରୁ ସଦର ଓ ସବ୍‌ଡିଭିଜନରେ ଗୋଟିଏ ଗୋଟିଏ ଗୋଦାମ ହୋଇଥାନ୍ତା ତେବେ ଚାଉଳ ଅଣାଇବାର ସମ୍ପୂର୍ଣ୍ଣ ଫଳ ପ୍ରାପ୍ତ ହୋଇଥାନ୍ତା ମାତ୍ର ଶ୍ରୀଯୁକ୍ତ ମେକନଲ ସାହେବ କେବଳ ଚାଉଳ କର୍ମରେ ଏଠାକୁ ଆସିଥିବା ପ୍ରତକ୍ଷେ ଅଧିକକାଳ ମଫସଲ ଦୃଷ୍ଟି ନକରି କୋଠିଭିତରୁ ଯେ ଆନୁମାନିକ ଇଷ୍ଟିମିଟ ବୋର୍ଡକୁ ପଠାଇଲେ ସେଥିରେ ଦେଶର ଦୁର୍ଭିକ୍ଷ ମୋଚନ ହେବାର ଉପାୟ ନାହିଁ ଏହି ହେତୁରୁ ପ୍ରତିଦିନ ଏକ ଏକ ହାକିମ ଏକ ଏକ ସ୍ଥାନପାଇଁ ଚାଉଳ ତଲବ କରୁଅଛନ୍ତି ତାହା ଯଥେଷ୍ଟ ପରିମାଣରେ ପ୍ରାପ୍ତ ହେଉନାହାନ୍ତି । ଶ୍ରୀଯୁତ ମେକନଲ ସାହେବ କଟକଜିଲ୍ଲା ସକାଶେ ସବସୁଦ୍ଧା ଦୁଇଲକ୍ଷ ମହଣ ଚାଉଳ ଇଷ୍ଟିମିଟ କରିଅଛନ୍ତି ଓ ବୋର୍ଡ ଜୁନମାସ ଠାରୁ ଏମାସ ଶେଷ ପର୍ଯ୍ୟନ୍ତ ତାହା ପଠାଇବାର ସଜିଲ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ଏଥିକି ଏ ଜିଲ୍ଲାର ବର୍ତ୍ତମାନ ଲୋକସଂଖ୍ୟା ଦଶଲକ୍ଷ ଜ୍ଞାନ କଲେ ଏକ ଜଣକୁ ଆଠସେର ଲେଖାଏଁ ପଡ଼ୁଅଛି । ଏହି ଆଠ ସେରରେ ସେମାନେ ୬ ମାସ କାଳ ପ୍ରତିପାଳିତ ହେବେ । ଏଥିରେ ଯେ ସମ୍ବଳ ଗୋଦାମରେ ଲୋକମାନେ ସ୍ୱଚ୍ଛନ୍ଦ ନ ମାତ୍ର ଠେଲି ଠେଲି ନଶିବେ ଓ ଅନେକ ଲୋକ ଅନାହାରରେ ମରିବେ ଏ ବିଷୟରେ କିସନ୍ଦେହ ଅଛି । ହାଣ୍ଡିରେ ଭାତ ବହୁତ ଥିଲେ ସମସ୍ତେ ପରିବେଷଣ କରିପାରନ୍ତି ମାତ୍ର ଅଳ୍ପ ଭାତ ବହୁ କୁଟୁମ୍ବଙ୍କୁ ବାଣ୍ଟିବାର କର୍ମ ଏ ଜିଲ୍ଲାର କଲେକ୍ଟରଙ୍କ ହସ୍ତରେ ପଡ଼ିଅଛି । ଏ କର୍ମ କେତେ କଠିନ ତାହା ଯେଉଁମାନେ ଜାଣନ୍ତି ସେମାନେ ଆପଣା ଆପଣା ବିଚାର କରିବେ । ସ୍ଥାନୀୟ ହାକିମମାନେ ଯଥାସରେ କାଳି ପରିଶ୍ରମ ଓ ସୁସାର କରିବାର ଚେଷ୍ଟା କରିଅଛନ୍ତି । ଏହା ଆମ୍ଭେମାନେ ମୁକ୍ତ କଣ୍ଠରେ ବ୍ୟକ୍ତ କରି ଅଛୁଁ ମାତ୍ର ସେମାନେ କେହି ବିଚକ୍ଷଣତା ପ୍ରଦର୍ଶନ କରିନାହାନ୍ତି ବୋଲି ସାହାଯ୍ୟ କର୍ମ ଉତ୍ତମ ରୂପେ ଚଳିଲା ନାହିଁ । ଇଦାନୀ ଯେ କାର୍ଯ୍ୟର ଗତିରେ ସକଳ କଥାର ଶୃଙ୍ଖଳା ହେଲା ସେଥିରେ କେବଳ ହାକିମମାନଙ୍କର ସାଧାରଣ ପରିଶ୍ରମ ଓ ଯତ୍ନର ପରିଚୟ ପ୍ରାପ୍ତ ହେଉଅଛି ।

## ସାପ୍ତାହିକ ସମ୍ବାଦ

ଗତ ନଦୀବଢ଼ିରେ କ୍ଷେତ୍ର ଧୋଇବା କାରଣ ଓ ଭବିଷ୍ୟତ କାଳକୁ ଏ ଦୁର୍ଘଟଣା ନିବାରଣ କରିବାର ଉପାୟ ଅନୁସନ୍ଧାନ ସକାଶେ ଗବର୍ଣ୍ଣମେଣ୍ଟ ଏ ପ୍ରଦେଶର କମିସନର ସାହେବଙ୍କୁ ଆଦେଶ କରିଅଛନ୍ତି । ତଦନୁସାର ଶ୍ରୀଯୁକ୍ତ କମିସନର ସାହେବ ଓ ସୁପ୍ରନ୍ ଟଣ୍ଡି ଇଂଜିନିୟର ସାହେବ ଓ ବାଲି ଖୋଲା ଭିଜନର ପ୍ରଧାନ ଇଞ୍ଜିନିୟର ଶ୍ରୀଯୁକ୍ତ ରାଣ୍ଡଲ ସାହେବ ଏକ କମିଟି ଭୁକ୍ତ ହୋଇ କର୍ମାରମ୍ଭ କରିଅଛନ୍ତି । ଏମାନଙ୍କର ମାନସ ଯେ ଗତ ଧୋଇ କେଉଁ କେଉଁ ପ୍ରଗଣାରେ କି ପରିମାଣରେ ହୋଇଅଛି ତାହା ତଦନ୍ତ କରିବେ ଓ ଭବିଷ୍ୟତକୁ ବନ୍ଧମାନ ସର୍ବଦା ଯେ ପ୍ରକାର ଓ ଯାହା ଖର୍ଚ୍ଚରେ ନିର୍ମାଣ ଓ ମରାମତ ହେବ ତାହା ନିଷ୍ପତ୍ତି କରିବେ । ଗବର୍ଣ୍ଣମେଣ୍ଟ ଆହୁରି ଆଶା କରିଅଛନ୍ତି ଯେ ମେଜର ହାରିସ ସାହେବ ମହାନଦୀ ସମ୍ବନ୍ଧରେ ଯେଉଁ ରିପୋର୍ଟ ପଠାଇଥିଲେ ତାହା କର୍ମରେ ଆସିପାରେ କି ନା ତାହା ତଦାରକ କରି ରିପୋର୍ଟ କରିବେ ।

କଟକ ଜିଲ୍ଲାର ନୂତନ ମାଜିଷ୍ଟ୍ରେଟ କଲେକ୍ଟର ଶ୍ରୀଯୁକ୍ତ ମେକ୍ ଫରସନ୍ ସାହେବ ଗତ ମଙ୍ଗଳବାର କଟକ ମୁକାମରେ ପ୍ରବେଶ ହୋଇ ଗୁରୁବାର ଦିନ କର୍ମରେ ଭାର ଗ୍ରହଣ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ଓଲାଉଠା ଓ ବସନ୍ତ ରୋଗର ପୁନର୍ବାର ପ୍ରାଦୁର୍ଭାବ ହୋଇଅଛି ଓ ପଥମୂଳ ରୋଗରେ ଏ ସ୍ଥାନର ମେଜିଷ୍ଟ୍ରେଟ କଲେକ୍ଟରଙ୍କ ମହାଫିଜଦାର ଜଗମୋହନ ଦତ୍ତ ଅକାଳେ କାଳଗ୍ରସ୍ତ ହୋଇଅଛନ୍ତି । ଯୋବରା ଇତ୍ୟାଦି ଇରିଗେସନ କମ୍ପାନୀର କର୍ମସ୍ଥାନରେ ଅନେକ କୁଲି ମରି ଯାଉଅଛନ୍ତି । ବୋଧହୁଏ ଦୁର୍ଭିକ୍ଷ ପୀଡ଼ିତାବସ୍ଥାରେ ନୂତନ ଚାଉଳ ଅନ୍ନ ଖାଇବାରୁ ଏରୂପ ଫଳ ହେଉଅଛି । ବସନ୍ତ ରୋଗରେ ମଧ୍ୟ ଲୋକ ନଷ୍ଟ ହେଉଅଛନ୍ତି ଓ କଟକର ଜେଲଖାନାରେ ବର୍ତ୍ତମାନ ଏ ରୋଗ ପ୍ରବଳ ହେବାର ଦେଖାଯାଏ ।

ଗତ ଅମାବାସ୍ୟା ଦିନ ନେମ ରୂପ ଝଡ଼ ବର୍ଷା ହେବାର ଆଶଙ୍କା ହୋଇଥିଲା ତାହା ହୋଇନାହିଁ ଅମାବାସ୍ୟାର ପୂର୍ବ ଦିନ କିଛି ସାମାନ୍ୟ ବର୍ଷା ମାତ୍ର ହୋଇଥିଲା ଏ ସମୟରେ ପୂର୍ବେ ଯେ ରୂପ ଦୀପଦାନ ଇତ୍ୟାଦି ହେଉଥିଲା ଏବର୍ଷ ସେଥିର ବିଶେଷ ହ୍ରାସ ଦେଖାଗଲା । ଦୁର୍ଭିକ୍ଷ ହେତୁରୁ ଏକ ଜଠର ଜ୍ୱାଳାରେ ଲୋକମାନେ କାତର ସେଥିରେ ପୁଣି ଦୀପ ଜାଳିବାର ସମର୍ଥ କାହାଠାରେ ଅଛି ?

ବାଲେଶ୍ୱରରେ ନୂତନ ଚାଉଳ ଟଙ୍କାକୁ ସେ ୧୨ ର ଓ ସେ ୧୪ ର ଭାଉରେ ମିଳୁଅଛି । ଶୀଘ୍ର ଅଧିକ ଶସ୍ତା ହେବାର ଲକ୍ଷଣ ଦୃଶ୍ୟ ହେଉଅଛି । ସେ ଜିଲ୍ଲାରେ ଏରୂପ ଉତ୍ତମ ଫସଲ ହୋଇଅଛି ଯେ କେହି କେହି ଏକପଇସାକୁ ଏକ ସେର ଚାଉଳ କିଣିବାର ପ୍ରତ୍ୟାଶା କରୁଅଛନ୍ତି ।

ଯାଜପୁର ଇଲାକାରେ ମଧ୍ୟ ଟଙ୍କାକୁ ସେ ୧୨ ର ଚାଉଳ ବିକ୍ରି ହେଉଥିବାର ସମ୍ବାଦ ପାଇଅଛୁଁ । ଏହି ରୂପ ଏକ ସ୍ଥାନରେ ଶସ୍ତା ହେଲେ ଅଳ୍ପ ଦିନରେ ଶୁଭଦିନ ଉପସ୍ଥିତ ହେବା ସନ୍ଦେହ ନାହିଁ ।

ଇରିଗେସନ୍ କମ୍ପାନୀର ପ୍ରଧାନ ଇଞ୍ଜିନିୟର ଶ୍ରୀଯୁକ୍ତ ଚଣ୍ଡେଲ ସାହେବ ରିପୋର୍ଟ କରିଅଛନ୍ତି ଯେ ଉକ୍ତ କମ୍ପାନୀ ଏବର୍ଷ ୫୪୦୦୦ ଏକର (ମାଣ) ଭୂମିରେ ଜଳ ଯୋଗାଇବାକୁ ସକ୍ଷମ ହେବେ ।

ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଆଗ୍ରାର ଗବର୍ଣ୍ଣର ଜେନେରାଲ୍ ବାହାଦୂର ଯେଉଁ ଦରବାର କରିବାକୁ ମାନସ କରିଅଛନ୍ତି ସେଥିରେ ବଙ୍ଗ ଦେଶବାସୀ ଶ୍ରୀଯୁକ୍ତ ରାଜା ରାଧାକାନ୍ତ ଦେବ, ରାଜା ସତ୍ୟଶରଣ ଘୋଷାଲ ରାଜା ଆନନ୍ଦନାଥ ରାୟ ଏବଂ ପ୍ରସନ୍ନ କୁମାର ଠାକୁର ଷ୍ଟାର ଅବ ଇଣ୍ଡିଆ ନାମକ ଯେଉଁ ଉତ୍କୃଷ୍ଟ ସମ୍ଭ୍ରମପଦବୀ ଏଠାରେ ସୃଷ୍ଟି ହୋଇଅଛି ତାହା ପ୍ରାପ୍ତ ହେବ । ଭାରତ ବର୍ଷରେ ଏଥିରୁ ଆଉ କୌଣସି ସମ୍ମାନସୂଚକ ଉଚ୍ଚ ପଦବୀ ନାହିଁ ।

Digitized by srujanika@gmail.com

Split by PDF Splitter



ଏଜୁକେଶନ ଗେଜେଟ ଲେଖନ୍ତି ଯେ ଏସିୟାର ମଧ୍ୟ ଭାଗର ସନ୍ଧିତ ଗବର୍ଣ୍ଣମେଣ୍ଟ ବାଣିଜ୍ୟ ଆରମ୍ଭ କରିବାର ପ୍ରସ୍ତାବ କରି ଅଛନ୍ତି । ଗୋଟାନ୍‌ଓୟାର ଖଣ୍ଡର ରାଜାମାନେ ଆନନ୍ଦ ପୂର୍ବକ ଏ ପ୍ରସ୍ତାବ ଗ୍ରହଣ କରି ଅଛନ୍ତି ।

ଏଡେନ୍ ନଗରରୁ ସମ୍ବାଦ ଆସିଅଛି ଯେ ସମରଖନ୍ଦରେ ଅନେକ ରୁଶିୟାନ ସୈନ୍ୟ ଉପସ୍ଥିତ ହୋଇ ଅଛନ୍ତି ।

ଶ୍ରବଣ ହୁଅଇ ଯେ ରାମପୁରର ରାଜା ଅପୁତ୍ରିକ ମରିଯିବା ଓ ତାହାଙ୍କର ଅନ୍ୟ କୌଣସି ଉତ୍ତରାଧିକାରୀ ନଥିବାରୁ ତାହାଙ୍କର ସମସ୍ତ ସମ୍ପତ୍ତି ବ୍ରିଟିସ ଅର୍ଥାତ୍ ସରକାର ଅଧିକାରରେ ଆସିବ । ତାହାଙ୍କ ଜମିଦାରୀର ବାର୍ଷିକ ଆୟ ଦଶଲକ୍ଷ ଟଙ୍କା ସରକାରଙ୍କୁ ଉଚିତ ଯେ ଦୁର୍ଭିକ୍ଷରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ତାହାହେଲେ ଅନେକ ପ୍ରକାରରେ ଲାଭ ପାଇବେ । ମାତ୍ର ନେବା ଓ ଦେବା ଏ ଦୁହେଁ ସମାନ ବୁଝନ୍ତି ।

ଦିଲ୍ଲୀ ନଗରଠାରେ ଯମୁନା ନଦୀ ଉପରେ ଯେ ସେତୁ ନିର୍ମାଣ ହେଉଥିଲା ତାହା ପ୍ରସ୍ତୁତ ହୋଇଥିବାର ସମ୍ବାଦ ପତ୍ରରେ ପ୍ରକାଶ ହୋଇଅଛି । ଚଳିତ ମାସ ଆରମ୍ଭଠାରୁ ସେଥି ଉପର ଦେଇ ଗାଡ଼ି ଗମନାଗମନ କରିଥିବ ।

ଶ୍ରୀଯୁତ ଗବର୍ଣ୍ଣର ଜେନେରଲ ବାହାଦୁର ଆଗ୍ରାରେ ଦରବାର କରିବା ଉପଲକ୍ଷରେ ଚଳିତ ମାସ ୧ ତାରିଖରେ ସିମଲା ପାହାଡ଼ ପରିତ୍ୟାଗ କରି ଅମ୍ବାଲା ଦିଲ୍ଲୀ ଇତ୍ୟାଦି ହୋଇ ୧୦ ତାରିଖରେ ଆଗ୍ରାରେ ପ୍ରବେଶ ହେବେ ଓ ଦରବାର ଶେଷ ହେଲାରୁ ଯଥାକ୍ରମେ କଲିକତାକୁ ପ୍ରତ୍ୟାଗମନ କରିବେ । ଆମ୍ଭମାନଙ୍କର ଶାସନକର୍ତ୍ତାମାନେ କାଶମିରୁ କାନକୁଞ୍ଜ ପରି ଶୀତକାଳରେ କଲିକତା ରାଜଧାନୀକୁ ଆସନ୍ତି ଓ ଗ୍ରୀଷ୍ମ ଋତୁ ଆରମ୍ଭ ହେଲାମାତ୍ରେ କେହି କେହି ସିମଲା ପାହାଡ଼ କେତେକ ଦାର୍ଜିଲିଂ ପାହାଡ଼କୁ ପଳାଇଯାନ୍ତି ।

ଏଡୁକେଶନ ଗେଜେଟରୁ ଜ୍ଞାତ ହେଲୁଁ ଯେ ସିଂଭୂମରେ ଗୋଟିଏ କୋଲ ଜାତୀୟ ସ୍ତ୍ରୀ ହାଟ ବଜାରରେ ଥିଲା । ତାହା ମସ୍ତକ ଉପରୁ ଜଣେ ଚୋର ଏକ ଟୋକାଇ ଧାନ ଚୋରିକରି ନେଇ ଯାଉଥିଲା କ ଏଥିରେ ସେ ସ୍ତ୍ରୀର ନିଦ୍ରା ଭଙ୍ଗ ହେବାରୁ ସେ ତାହା ପଛରେ ଗୋଡ଼ାଇ ଯାଇ ଚୋରର ହସ୍ତରୁ ଟୋକାଇ ଟଣାଟଣି କରିବାରେ ସେ ଦସ୍ୟୁ ଉକ୍ତ ସ୍ତ୍ରୀକୁ ଏକ ବାଡ଼ି ମାଇଲା ମାତ୍ର କୋଲ ସ୍ତ୍ରୀ ସେଥିରେ କାତର ନହୋଇ ତାହା ହସ୍ତରେ ଥିବା ପିତ୍ତଳ ଅଳଙ୍କାର ଦ୍ୱାରା ଚୋରର ମସ୍ତକକୁ

Digitized by srujanika@gmail.com

Split by PDF Splitter



ଚୂର୍ଣ୍ଣ କରି ତାକୁ ମାରିପକାଇଲା । ପିତଳ ଆଭରଣକୁ ବର୍ତ୍ତମାନ ଲୋକେ ଅଶ୍ରଦ୍ଧା କରିଅଛନ୍ତି ମାତ୍ର ତାହା ଏକସମୟରେ ପ୍ରାଣରକ୍ଷାର ଉପାୟ ହୋଇପାରେ ।

---

## ମୂଲ୍ୟପ୍ରାପ୍ତି

ଶ୍ରୀଯୁକ୍ତ ବାବୁ ସୁଦର୍ଶନ ଦାସ … … … … … ୫ ଟଙ୍କା

---

ଇଷ୍ଟଇଣ୍ଡିଆ ଇରିଗେସନ ଓ କାନାଲ କମ୍ପାନୀଙ୍କର ବିଜ୍ଞାପନ—

୧ ଦଫା—ଇଷ୍ଟଇଣ୍ଡିଆ ଇରିଗେସନ ଓ କେନାଲ କମ୍ପାନୀଙ୍କ କାର୍ଯ୍ୟ ନିର୍ବାହ ନିମନ୍ତେ ସମୟାନୁକ୍ରମେ ପ୍ରୟୋଜନାନୁସାରେ ତଳଲିଖିତ ସରଞ୍ଜାମ ସବୁ ଯେତେ ଆବଶ୍ୟକ ହେବ ତାହା ଯୋଗାଇବା ନିମନ୍ତେ ଏକଟଙ୍କା ମୂଲ୍ୟର ଷ୍ଟାମ୍ପ କାଗଜରେ ଲେଖି ମୁଦ୍ରାଙ୍କିତ ଟେଣ୍ଡର ଅର୍ଥାତ୍ ନିବେଦନ ପତ୍ର ପ୍ରେରଣ କରିବା ନିମନ୍ତେ ଏହାଦ୍ୱାରା ଆଦେଶ କରାଯାଉଅଛି । ଉକ୍ତ ସରଞ୍ଜାମ ସବୁ ଯୋବରା ମୁକାମସ୍ଥିତ "ଜେନରଲ ଷ୍ଟୋର" ଅର୍ଥାତ୍ ସଦର ଗୋଦାମରେ ଉତ୍ତମ ଓ ନିୟମିତ ଅବସ୍ଥାରେ ଓ ବିନା କୌଣସି ଖର୍ଚ୍ଚାରେ ଦାଖଲ କରିବାକୁ ହେବ ।

୨ ଦଫା—ଯୋଗାଇବା ନିମନ୍ତେ ଆବଶ୍ୟକଥିବା ପ୍ରତ୍ୟେକ ସରଞ୍ଜାମର ଦର ଉପରୋକ୍ତ ନିବେଦନ ପତ୍ରରେ ନିର୍ଦ୍ଦିଷ୍ଟ କରାଯାଇ ଆସନ୍ତା ମାସର ୨୦ ତାରିଖର ଦିନ ୩ ଘଣ୍ଟା ପର୍ଯ୍ୟନ୍ତେ ସଦର ଗୋଦାମର ପ୍ରଧାନ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନାମରେ ଓ ତାଙ୍କର ନିକଟକୁ ପଠାଯିବାର ଅଛି ।

୩ ଦଫା—ଯେଉଁ ବ୍ୟକ୍ତି (ଅବା ବ୍ୟକ୍ତିମାନଙ୍କର) ନିବେଦନ ପତ୍ର ଗ୍ରହଣ କରାଯିବ ସେମାନଙ୍କୁ ଉକ୍ତ କନଟ୍ରାକ୍ଟ ଅର୍ଥାତ୍ ଚୁକ୍ତି ବିଧିମତେ ପୂର୍ଣ୍ଣ ଅର୍ଥାତ୍ ନିକାଶ କରିବା ନିମନ୍ତେ ତଦ୍‌ମୂଲ୍ୟର ପରିମାଣାନୁସାରେ ଜାମିନ ଟଙ୍କା ଅମାନତ କରିବାକୁ ହେବ ଓ ଉକ୍ତ ଟଙ୍କାର ତଯ୍ୟନ ଗୋଦାମର ପ୍ରଧାନ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଦ୍ୱାରା ନିରୂପଣ କରାଯିବ ।

୪ ଦଫା—ତଳ ଲେଖିତ ସରଞ୍ଜାମ ମଧ୍ୟରୁ କୌଣସି ଅଂଶ ଯୋଗାଇବା ନିମନ୍ତେ ନିବେଦନ ପତ୍ରରେ ଲୋକମାନେ ଦେଇ ପାରନ୍ତି ।

୫ ଦଫା—କୌଣସି କାରଣ ନ ଦର୍ଶାଇ ଏ ବିଷୟରେ ନିବେଦନ ପତ୍ର ଗ୍ରାହ୍ୟ କରିବା ପକ୍ଷରେ ପ୍ରଶଂସିତ ସାହେବଙ୍କର କ୍ଷମତା ଅଛି ।

Digitized by srujanika@gmail.com

Split by PDF Splitter



| | | | | | |
|---|---|---|---|---|---|
| କଟା ଦଉଡ଼ି | ... | ୧୦୦ ପୌଣ୍ଡକୁ | ... | ଏତେ ଟଙ୍କା |
| ବାଉଁଶ ଗାଣ୍ଡୁଆ | ... | ୧୦୦ ଗୋଟାକୁ | ... | ଏଜନ |
| ଗୋଲ ବେତ ଠୋକାଇ | ... | ୧୦୦ ,, | ... | ଏଜନ |
| ପାଣିବୁହା ଶେଣା | ... | ୧୦୦ ଏଜନ | ... | ଏଜନ |
| ମୂଳ ବାଉଁଶ | ... | ୧୦୦ ଏଜନ | ... | ଏଜନ |
| ବେଦେଲଙ୍ଗ ବାଉଁଶ | ... | ୧୦୦ ଏଜନ | ... | ଏଜନ |
| କାତ ବାଉଁଶ | ... | ୧୦୦ ଏଜନ | ... | ଏଜନ |
| ଝୁଟି | ... | ୧୦୦ ଗୋଣ୍ଡକୁ | ... | ଏଜନ |
| ବେଣା | ... | ଏକ ଟଙ୍କାକୁ | ... | ଏତେ ବଣ୍ଡା |
| ଜାଲବା କାଠ | ... | ଏଜନ | ... | କଟଙ୍କା ଏତେ ମହଣ |
| କୋଇଲା | ... | ଏଜନ | ... | ଏତେ କ୍ୟୁବିକ ଫୁଟ |
| ଜଡ଼ା ତେଲ | ... | ଏକ ମହଣକୁ | ... | ଏତେ ଟଙ୍କା |
| ନଡ଼ିଆ ତେଲ | ... | ଏଜନ | ... | ଏଜନ |

ପୂର୍ବବର୍ଣ୍ଣିତ ସଦର ଗୋଦାମରେ ଉକ୍ତ ସରଞ୍ଜାମ ସବୁର ନମୁନା ଦେଖା ଯାଇପାରେ ।

କଟକ
ଅକ୍‌ଟୋବର ୨୫ ତାରଖ ୧୮୭୭ ସାଲ

ଶାମୁଏଲ ବ. ପି. ଫିଲପସ
ଗୋଦାମର ପ୍ରଧାନ ସୁପରିଣ୍ଟେଣ୍ଡେଣ୍ଟ

---

ଏହି ଉତ୍କଳ ଦୀପିକା ସହର କଟକ ଆଲମଚନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନୀର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ପକ୍ଷରୁ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter

# ଅତିରିକ୍ତ

ଉତ୍କଳ ଦୀପିକା ତା ୧୦ ରିଖ ମାହେ ନଭେମ୍ବର ସନ ୧୮୬୬ ମସିହା ଶନିବାର

## ରାଜସ୍ୱ ମାଫିରେ କାହାର ଲାଭ—

ମାନ୍ୟବର ଶ୍ରୀଯୁତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ

ମାନ୍ୟବରେଷୁ

ମହାଶୟ, ନିମ୍ନ ଲେଖିତ କେତେକ ପଂକ୍ତି ସଂଶୋଧନାନ୍ତର ଆପଣଙ୍କ ପତ୍ରିକାରେ ପ୍ରକାଶ କରାଇ ଆମ୍ଭଙ୍କୁ ବହୁ ବାଧିତ କରିବା ହେବେ ।

ଆପଣ ଚଳିତମାସ ତା ୬ ରିଖ ପତ୍ରିକାରେ ରାଜସ୍ୱମାଫି ପ୍ରସ୍ତାବରେ ଲେଖିବା ହୋଇ ଅଛନ୍ତି ଯେ "କମିସ୍ନର ସାହେବଙ୍କର ଆଜ୍ଞା ମନୋଯୋଗ ପୂର୍ବକ ପାଳନ କଲେ ସେଥିରୁ ଏହି ଉପଲବ୍ଧି ହେଉ ଅଛି ଯେ ତାଙ୍କ ବିବେଚନାରେ ରାଜସ୍ୱ ମାଫିରେ କେବଳ ଜମିଦାରର ଫାଏଦା" ଏଥିର ମର୍ମ ଏହି ହେଉ ଅଛି କି ଜମିଦାରମାନେ ସରକାରରୁ ରାଜସ୍ୱ ମାଫ ପାଇ ଆପଣା ଆପଣା ପ୍ରଜାମାନଙ୍କୁ ଖଜଣା ଛାଡ଼ି ନ ଦେଇ ଆପଣାର ଲାଭ କରିବେ, ଏ ମହତ ଭ୍ରମ । ଏପରି ନିଷ୍ଠୁର ଜମିଦାର କିଏ ଅଛି ଯେ ଏସମୂହରେ ଦୁର୍ଭିକ୍ଷ ହେତୁ ରଏତମାନଙ୍କର ଏତାଦୃଶ ଦୁରବସ୍ଥା ପ୍ରତ୍ୟକ୍ଷ କରି ଆପେ ସରକାରରୁ ରାଜସ୍ୱ ମାଫପାଇ ରଏତକୁ ଖଜଣା ଛାଡ଼ି ନ ଦେବ ? ଦୁର୍ଭିକ୍ଷ ହେତୁ ରଏତମାନେ କେବଳ କୁଡ଼ିଆ ଘରବ୍ୟତିରେକେ ପ୍ରାୟ ସର୍ବସ୍ୱ ବିକି କରି ଅଛନ୍ତି । ଜମିଦାର ତାଙ୍କ ପ୍ରତି ଦୟା ନ କଲେ ମଧ୍ୟ ତାଙ୍କର ଏପରି କିଛି ସମ୍ପତ୍ତି କି ପାଏ ନାହିଁ ଯେ ଯହିଁରୁ ଖଜଣା ବଲ ପୂର୍ବକ ଆଦାୟ କରି ପାରେ । ଏବଂ ସରକାରରୁ ରାଜସ୍ୱମାଫ ହେଲେ ରଏତନାମରେ ଦଣଥାଇନ୍ ମକଦ୍ଦମା ମଧ୍ୟ କରିନପାରେ ଅତଏବ ରଏତକୁ ଖଜଣା ଛାଡ଼ି ନ ଦେଇ ଜମିଦାରର ଗତ୍ୟନ୍ତର ନାହିଁ ।

ଜମିଦାରମାନେ ଯେ ରାଜସ୍ୱ ମାଫିର ପ୍ରାର୍ଥନା କରୁ ଅଛନ୍ତି ଇହାକି ସେ କେବଳ ଆପଣା ଲାଭ ଆଶାରେ କରୁ ଅଛନ୍ତି ? ନା କଦାପି ନୁହେଁ । ରାଜସ୍ୱ ମାଫହେଲେ ବରଂ ସେମାନଙ୍କର କ୍ଷତିହେବ । କାରଣ ରଏତମାନଙ୍କଠାରୁ ଖଜଣା ଅସୁଲ ହେଲେ ଜମିଦାର ସେଥିରୁ ଆପଣା ମାଲିକାନା ପାନ୍ତି । ଯଦ୍ୟପି ରାଜସ୍ୱ ମାଫ ହୁଏ ତେବେ ଖଜଣା ଅସୁଲ ନ ହେବ ସୁତରାଂ ଜମିଦାର ମାଲିକାନା ପାଇ ନ ପାରିବେ । ରଏତ-

Digitized by srujanika@gmail.com

Split by PDF Splitter



ମାନଙ୍କର ଦୁର୍ଦ୍ଦଶା ଦେଖି ଓ ସେମାନଙ୍କଠାରୁ ଖଜଣା ଅସୁଲ ନ ହୋଇ ପାରିବାର ଜାଣି ଜମିଦାରମାନେ ଆପଣାର କ୍ଷତି ସ୍ୱୀକାର ପୂର୍ବକ ପ୍ରଜାଙ୍କ ମଙ୍ଗଳ ନିମନ୍ତେ ରାଜସ୍ୱ ମାଫିର ପ୍ରାର୍ଥନା କରୁ ଅଛନ୍ତି । ଏ ସ୍ଥଳେ କି ରାଜସ୍ୱ ମାଫ ହେଲେ ଜମିଦାର ରଇତଙ୍କୁ ଖଜଣା ଛାଡ଼ି ନ ଦେବ ? ଯଦ୍ୟପି କୌଣସି ପାଷାଣ୍ଡ ଜମିଦାର ରଇତଙ୍କୁ ଛାଡ଼ି ନ ଦିଏ ତେବେ ପରମେଶ୍ୱରଙ୍କଠାରେ ସେ ସେଥିର ଦାୟୀ ହେବ, ସରକାର ରାଜସ୍ୱ ମାଫ ଦେଲେ ଆପଣା ଦାୟରୁ ମୁକ୍ତ ହେବ । ଏକ ଏକ ମଉଜା ରଇତ ଶୂନ୍ୟ ହୋଇ ଅଛି । ସେଥିର ଖଜଣା ଜମିଦାର କାହାଠାରୁ ଅସୁଲ କରି ସରକାରରେ ମାଲଗୁଜାରି ଦେବ ଅତଏବ ? ରାଜସ୍ୱ ମାଫ ହେଲେ ଜମିଦାର ଓ ରଇତ ଉଭୟଙ୍କର ସୁସାର ହେବ ।

ଏ ଦେଶୀୟ ଅଧିକାଂଶ ଜମିଦାରଙ୍କର ଏପରି ସୌଭାଗ୍ୟ ନାହିଁ ଯେ ସେମାନେ ରଇତଙ୍କୁ ସମସ୍ତ ଖଜଣା ଛାଡ଼ିଦେଇ ଆପଣା ହାତରୁ ସରକାର ମାଲ-ଗୁଜାରି ଆଦାୟ କରିବେ । ଗତ ଅପ୍ରେଲ କିସ୍ତିବନ୍ଦୀରେ କେତେ ଜମିଦାର ଋଣଗ୍ରସ୍ତ ହୋଇ ଅଛନ୍ତି । ରାଜସ୍ୱ ମାଫ ନ ଦେଲେ ରଇତମାନଙ୍କର ଯେ କିଛି ଅବଶିଷ୍ଟ ସମ୍ପତ୍ତି ଅଛି ତାହା ଜମିଦାର ଦଣ୍ଡଆଇନ ପ୍ରମାଦେ ବିକ୍ରି କରାଇ ଯଥାକଥିତ ଖଜଣା ଆଦାୟ କରିବ । ଅହୋ ! ଇହା ହେଲେ ସେମାନଙ୍କର କି ପର୍ଯ୍ୟନ୍ତ ଦୁର୍ଦ୍ଦଶା ଘଟିବ । ସେତେବେଳେ କି କମିସ୍ନର ସାହେବ ସେମାନଙ୍କର ସହାୟ ହେବେ ? ଯଦ୍ୟପି ରଇତ ମାନଙ୍କର ମଙ୍ଗଳ କରିବାର କମିସ୍ନର ସାହେବଙ୍କର ପ୍ରକୃତ ଇଚ୍ଛା ଥାନ୍ତା ତେବେ ଗବର୍ଣ୍ଣମେଣ୍ଟରେ ନିଜେ ରାଜସ୍ୱ ମାଫ କରାଇ ରଇତମାନେ ଯେପରି ଜମିଦାରଙ୍କଠାରୁ ଖଜଣା ଛାଡ଼ପାନ୍ତେ ତହିଁର ତଦାରକ କିମ୍ବା କିଛି ବିଶେଷ ଉପାୟ ନିର୍ଦ୍ଧାର୍ଯ୍ୟ କରନ୍ତେ ଇହା ନକରି ସେ ଏକାବେଳେ ଲୋକସାନ ନାମଞ୍ଜୁର ପୂର୍ବକ ଜମିଦାର ଓ ରଇତଙ୍କ ଗଳାରେ ଛୁରି ଦେଲେ ଅହୋ ! କି ନିଷ୍ଠୁର ! କମିସ୍ନରଙ୍କୁ କି ଦୟା ଶକ୍ତି ସ୍ପର୍ଶ କରି ନାହିଁ । ସରକାର ଚାକରି କଲେ କି କେବଳ ସରକାର ଲାଭ କରାଇବା ଦୃଷ୍ଟିରେ ଦୟା ଓ ନ୍ୟାୟପରତା ଶକ୍ତିକୁ ଏକାବେଳେ ବିସର୍ଜ୍ଜନ କରିବାକୁ ହୁଏ ? ଯାହାହେଉ କମିସ୍ନର ସାହେବ ଲୋକସାନ ନାମଞ୍ଜୁର କରିବାରେ ତାଙ୍କର ଚାରୋଟି ଅପଗୁଣ ଅର୍ଥାତ୍ ନିଷ୍ଠୁରତା, ଅବିବେକତା, ଅଦୂରଦର୍ଶିତା, ଓ ଅନ୍ୟାୟ ପରତା ପ୍ରକାଶ ପାଇଲା । କମିସ୍ନର ଓଡ଼ିଶାର ଗବର୍ଣ୍ଣର ସ୍ୱରୂପ ସେ ଯଦ୍ୟପି ଏପରି ମନ୍ଦ ଗୁଣ ବିଶିଷ୍ଟ ହୁଅନ୍ତି ତେବେ ଆମ୍ଭମାନଙ୍କର କି ମଙ୍ଗଳ ହେବ ।

ମୁ. କଟକ
ତା ୩୦ ରିଖ ମାହେ ଅକ୍ଟୁବର
ସନ୍ ୧୮୬୬ ମସିହା

ନିବେଦକ
ଜଣେ ଜମିଦାର

Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ଜ୍ଞାତ ହୋଇ ଅଛୁ ଯେ କମିସ୍ନର ସାହେବ ଇଦାନି ରାଜସ୍ୱ ମାଫ ଦେବାପାଇଁ ରିପୋର୍ଟ କରି ଅଛନ୍ତି ଓ ରୟତିମାନଙ୍କ ଅବସ୍ଥା ଅନୁସନ୍ଧାନ କରି ଯେ ପରିମାଣରେ ରାଜସ୍ୱମାଫର ଦେବାର ଆବଶ୍ୟକ ତାହାନିଶ୍ଚୟ କରିବା କାରଣ ବିହିତ ଉପାୟ କରୁ ଅଛନ୍ତି ଅତଏବ ତାଙ୍କ ବିରୁଦ୍ଧ ପ୍ରଜା ଜମିଦାରଙ୍କ ଆଶଙ୍କା କରିବାର ଆଉ କାରଣ ନହେବ । ସମ୍ପାଦକ-ଉ. ଦ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ

ମାନ୍ୟବରେଷୁ

ଓଡ଼ିଶା ବିଳାପ ନାମଧେୟରେ ନିମ୍ନଲିଖିତ ଗ୍ରନ୍ଥ ଆଲୋଚନା କରିଅଛୁଁ । ତାହା ଆପଣ ଅନୁଗ୍ରହ ପୂର୍ବକ ଆପଣଙ୍କ ପତ୍ରିକାରେ ପ୍ରକାଶ କଲେ ଆମ୍ଭଙ୍କୁ ସାତିଶୟ ବାଧିତ କରିବା ହେବେ । ଇତି ।

କଟକ ମୁକାମ
ତା ୫ ରିଖ ମାହେ ଅକ୍ଟୁବର
ସନ ୧୮୭୭ ମସିହା

ନିବେଦକ
ଜଣେପାଠକ

---

# ଓଡ଼ିଶ୍ୟା ବିଳାପ

ରାଗ ଧନାଶ୍ରୀ—

କରଇ ରୋଦନ ଓଡ଼ିଶ୍ୟା ଦୀନ ବହୁସନ୍ତାନ ହରାଇ
ଦୁର୍ଭିକ୍ଷ ବିପଦ ଘୋର ପରମାଦ ଘୋଟିଲା ମତେ କିମ୍ପାଇ ।
ନ ଜାଣଇ ମୁଁ କିଛୁ, କିବା ଅପରାଧ କରି ଅଛୁ । ୧ ।
ରେ ସନ ବାରଶ ତେଅସ୍ତରି ବର୍ଷ କିଯୋଗେ ପ୍ରବେଶିଥିଲୁ
ଆରମ୍ଭରୁ ଶେଷପର୍ଯ୍ୟନ୍ତ ଅଶେଷ ଯନ୍ତ୍ରଣା ତ ତୁହି ଦେଲୁ ।
ତାହାକେ ବର୍ଣ୍ଣିପାରେ, ଧ୍ୟାନମାତ୍ରକେ ଚକ୍ଷୁ ବିଦାରେ । ୨ ।
କିଅବା ତୋଦୋଷ ଇନ୍ଦ୍ର ହେଲରୋଷ ଶେଷେ ବୃଷ୍ଟିରହିଗଲା
ପରିଶ୍ରମଯୁକ୍ତ ଫସଲ ପ୍ରସ୍ତୁତ ଅଧିକାଂଶ ହରି ନେଲା
ଅହୋ ! କି ନିର୍ଦାରୁଣ ! ଛଡ଼ାଇ ନେଲା ମୁଖରୁ ଅନ୍ନ । ୩ ।
ରଖିଥିଲି ଯାହା ଯୋଗାଇଲି ତାହା ପୁତ୍ର ପୌତ୍ରାଦିମାନଙ୍କୁ
ଚାରି ପାଞ୍ଚ ମାସ ଯହୁଁ ହେଲା ଶେଷ କିଛୁ ନାହିଁ ଖାଇବାକୁ ।
କ୍ରମେ ଅଣ ଆହାରେ, ଗୋଟିଗୋଟିଗଲେ ଯମପୁରେ । ୪ ।

Digitized by srujanika@gmail.com

Split by PDF Splitter



ଏହିପରି କେତେ ଗଲେ ସ୍ୱର୍ଗପଥେ କେତେ ସ୍ଥାନାନ୍ତର ହେଲେ
ତାଙ୍କପୁଅ ସ୍ତ୍ରୀ ଏକା ଅନ୍ନଲୋଭେ କେ କୁଆଡ଼େ ପଳାଇଲେ
ସେମାନଙ୍କରକଷ୍ଟ ଶସ୍ୟ ନ ଥିବା ଚାହିଁ ପରେଅଷ୍ଟ । ୫ ।

କଣି ନ ବାଗୁର ହୋଲେ କମିସ୍ନର ଧାନ ମୁଣ୍ଡି ନୁଆଇଛୁ
ଲୋଭରେ ପଡ଼ଣ ଶସ୍ୟାଦ ରଖି ସନ୍ତାନଗଣ ମାରୁଛୁ
ପୋଡ଼ୁଥା ଦୁର୍ନାମଣା, ତାର ବିବେକତା ଗଲାଜଣା । ୬ ।

ଏବେ ପରମାଦ ତହିଁ ଅପବାଦ ଅକାରଣେ ମୋ ଉପରେ
ନାହିଁ କିଛୁ ଫଳ ହୃଦସ୍ତା କେବଳ ଦୁଃଖ ଦୁଇଗୁଣ କରେ
ଏହାକେ ସହୁପାରେ, ଢାଏ ଲବଣ କଟା ଘାଆରେ । ୭ ।

ଯଦି କେହୁ ଜନ ଖାଉ ଥାଏ ଅନ୍ନ ଅନ୍ୟ ଯେବେତା ଦେଖଇ ।
ନଜଣି ବଗୁର ଜାଣିମନ୍ଦତର ତାଠାରୁ ଖାଏ ଛଡ଼ାଇ
ହାଣ୍ଡି ନେଇ ବୁଲନ୍ତି, ଦ୍ୱାରେ ଦ୍ୱାରେ ତୋରାଣି ମାଗନ୍ତି । ୮ ।

ଅନ୍ନର ଅଭାବେ ଦୁଃଖୀଜନ ସବେ ପଶୁ ପ୍ରେତସମ ହେଲେ
ବୃକ୍ଷ ପତ୍ରମାନ ଘାସଲତାତୃଣ ଖାଇ ପ୍ରାଣରକ୍ଷା କଲେ
ଏହି ଅପ ଭୋଜନେ, ରୋଗାକ୍ରାନ୍ତ ହେଲେ ତତକ୍ଷଣେ । ୯ ।

ଅନେକ ମନୁଷ୍ୟ ହାକିଣ ସର୍ବସ୍ୱ ଉପାୟ ହୀନ ହୋଇଲେ
ସନ୍ତାନ ସନ୍ତତି ତଦ୍‌ପରେ ବିକନ୍ତି ଅତ୍ୟଅଳ୍ପ ମୂଲ୍ୟ ପାଇଲେ
ବେଶ୍ୟା କଲେଣ କୁମାରୀ, ଭ୍ରଷ୍ଟାଦଳ ବଢ଼େ ଏହିପରି । ୧୦ ।

କେତେ କେତେ ଜନ ସ୍ତ୍ରୀ ଧର୍ମଜ୍ଞାନ ଏକାକାର ଜ୍ୱାଳାରେ
ନାନାବ ଦୁଷ୍କର୍ମ କଲେ ସୁଧର୍ମ କଳ୍ପିତ ଶସ୍ୟ ଆଶାରେ
ଘର ପୋଡ଼ା କରନ୍ତି, ଡକାଏତଶ୍ରେଣୀ ହୁଏ ନୀତ । ୧୧ ।

ନୂତନ ପୁଲିସ ହୋଇଣ ସୁବେଶ ବୃଥା ଆଡ଼ମ୍ବର କରେ
କର୍ମରେ ଆଲସ୍ୟ ନାହିଁ ବୁଦ୍ଧି କେଶ ଚୋର ଧରିବାକୁ ଡରେ
ଅପରାଧ ବଢ଼ଇ, ଯେ ଯାକୁମାରେ ସେତ ମାରଇ । ୧୨ ।

ସମଙ୍କ ନଷ୍ଟୁର ଏ ବିପତ୍ତିଘୋର ତହିଁହା ତୃପ୍ତି ନ ହେଲ
× × × ×
କେତେ ଗ୍ରାମତ ଶୂନ୍ୟ, ତହିଁ ଶୃଗାଳ କରେ କୀର୍ତ୍ତନ । ୧୩ ।

କଟକ ଜିଲ୍ଲାରେ ସପ୍ତଦିବସରେ କେବଳ ଅଣଆହାରେ
ହେଲେ କାଲ ପ୍ରାପ୍ତ ତିନି ସହସ୍ରତ ଏହିପରି ସର୍ବଠାରେ
ଏ ଗଣନାକର, ମୋଟେ ଯେତେ ଗଲେ ଯମପୁର । ୧୪ ।

Digitized by srujanika@gmail.com

ଅନେକ କାଳରେ ନାନାଦ୍ର ସନ୍ଧରେ ପୋଷିଥିଲ ଯେତେ ଜନ
ପାଞ୍ଚ ମାସ ମଧ୍ୟେ ହରାଇଲି ଅଧେ ବ୍ୟାକୁଳ ହୁଅଇ ମନ
ଆଉ କାହିଁ ପାଇବି, ପୁଣି ଶୋକେ କରୁପେ ବଞ୍ଚିବି । ୧୫ ।

ବଞ୍ଚିଲେ ଯେଜନ ନ ପାଇ ଭୋଜନ ଉଦର ସମ୍ପୂର୍ଣ୍ଣ ମତେ
କ୍ଷୀଣ ହେଲା ଦେହ ଶୁଷ୍କ ଚର୍ମମୟ ଦିଶେ ଅସ୍ଥି ଅଛି ଯେତେ
ଚଳିବାକୁ ଅକ୍ଷମ, କରିପାରିବେ ଆଉ କି କର୍ମ । ୧୬ ।

ଯଦ କମିସ୍ନର ହୋଇଣ ତତ୍ପର କରଥାନ୍ତା ଅନ୍ୱେଷଣ
ପ୍ରକୃତ ଅବସ୍ଥା ଜାଣି ପାରିଥାନ୍ତା ନ ହୁଅନ୍ତା ଏ ମରଣ
ବଡ଼ ଆଳସ୍ୟ କଲା, ପର କଥାରେ ଭୁଲି ରହିଲା । ୧୭ ।

ବହୁ ବିଳମ୍ବର ଆମ୍ଭ ସକାର ନିଦ୍ରାରୁ ଉର୍ଥିତ ହେଲା
ଦୁଃଖୀ ଜନ ପାଇଁ ତଣ୍ଡୁଳ ଅଣାଇକଷ୍ଟ କିଛି ହ୍ରାସ କଲା
ଯେତେଯତ୍ନ କରଇ, ତଥାପି ଦୁର୍ଭିକ୍ଷ ନ ଘୁଞ୍ଚଇ । ୧୮ ।
ପୁଣି ସୁରପତି ଧଇଁଣି କୁମତି ନିଷ୍ଠୁର ଲୀଳା କରିଲା
ବିଆଳି ଆଦ୍ୟରେ ବୃଷ୍ଟିରୁଦ୍ଧକରେ ପ୍ରାଣୀଙ୍କ ହିଂସା ଉଡିଲା
ତହୁଁ ବୃଷ୍ଟି କରଇ, ବିଆଳିତ ପ୍ରଫୁଲ୍ଲ ହୁଅଇ । ୧୯ ।
ଏହାଲୋକ ଦେଖି ହେଲେ ମନେସୁଖୀ ମାତ୍ର ଇନ୍ଦ୍ରକପାଞ୍ଚିଲା
ପାଚିଲାସମୟେ ବଡ଼ି ବର୍ଷା ହୁଏ ବିଆଳି ବୁଡ଼ି ସଢ଼ିଲା
ହର୍ଷ ବିଷାଦ କଲା, ସବୁ ସଂଖ୍ୟାଳିକୁ ଘେନି ଗଲା । ୨୦ ।

ଏହି ପରି ଯେତେ ଦୁଃଖ ହେଲା ମତେ ଏକ ବରଷ ମଧ୍ୟରେ
ଅଛି କାହାସାଧ୍ୟ ଏହି ବିଶ୍ୱମଧ୍ୟ ତାହାସବୁ ବର୍ଣ୍ଣିପାରେ
ମୁହିଁ କେମା ବଞ୍ଚିଲି, ସନ୍ତାନଙ୍କ ଦୁର୍ଦ୍ଦଶା ଦେଖିଲି । ୨୧ ।
ଏତେକ୍ଷଣପର ବୋଲେ କମିସ୍ନର ନୋକସାନିନ ଦେବାକୁ
ତାର ଜାଣିବାରେ ଷଢନାହିଁ ମୋରେ ପ୍ରଶଂସାତାର ବୁଦ୍ଧିକୁ
ତାର ନାହିଁ ବଗ୍ଧର, ଜଣାଗଲା ସେ ବଡ଼ନିଷ୍ଠୁର । ୨୨ ।

ନାହିଁ କାର ଦୋଷ କରିଛି ମୁଁ ଦୋଷ ଏଫଳ ତାର ଅଟଇ
କର ଆଲୋଚନା ଅପରାଧ ବିନା ଦଣ୍ଡକି କେବେ ଘଟଇ
ପାପ ଯେବେଭୁଞ୍ଜିବ, ଏଦୁର୍ଗତି ତେବେନାଶ ହେବ । ୨୩ ।

ସତର୍କ ସେ କାଳ ହୋଇବ ତତ୍କାଳ ପୂର୍ବପର ସୁଖୀ ହେବ
କବୁଦ୍ଧି କରିଲ କପାପେ ପଡ଼ିଲ ତହୁଁ କି ମୁକ୍ତି ପାଇବ
ଆଉ ପାପ ନକର, ପରମେଶ୍ୱରଙ୍କୁ ପୂଜାକର । ୨୪ ।

Digitized by srujanika@gmail.com

Split by PDF Splitter



ତାଙ୍କ କର୍ମମାନ ମଙ୍ଗଳ ସାଧନ ପାପରୁ ଉଦ୍ଧାର ପାଇଁ
ନ୍ୟାୟର ସାଗର କରି ସୁବିଚାର କରନ୍ତି ଦଣ୍ଡ ଦିଅଇ
ସେହି ଦଣ୍ଡକୁ ଘେନ, ରୋଗରକଷ୍ଟୁ ଔଷଧ ଯେନ । ୧୫ ।
ସଙ୍କଟ ନାଶନ ଦୁର୍ଗତି ମୋଚନ ମୁକ୍ତିଦାତା ସେ ବିଧାତା
ମହିମା ଅପାର କରୁଣାସାଗର ଅଟନ୍ତି ଜଗତକର୍ତ୍ତା
ତାଙ୍କୁ ଆଶ୍ରା କର, ଅନାୟାସେ ହୋଇବ ନିସ୍ତାର । ୧୬ ।
ନକର ବିଳାପ କରହେ ଆଳାପ ଜଗବନ୍ଧୁଙ୍କ ସଙ୍ଗର
ସେ ଆଳାପେବନ୍ଧ ନ ହୁଏ ବିଚ୍ଛେଦ ମିଳେ ଆନନ୍ଦ ଅପାର
ଆଉହେଳାନକର, ପବିତ୍ର ମନରେ ଭକ୍ତି କର । ୧୭ ।
ଦୁର୍ଭିକ୍ଷ ବିଳାପ ଅତ୍ୟନ୍ତ ସନ୍ତାପ କିଛି କହିଲି ମୁଁ ଗୀତେ
କହେ ଦୀନହୀନ ହେଳୁସାବଧାନ ଏହିଦୟାକର ମୋତେ
× × × × । ୧୮ ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

| | | |
|---|---|---|
| ଭା୧ଗ<br>୧୫ ସଂଖ୍ୟା | ତା୧୬ରିଖମାହେ ନବମ୍ବର<br>ସନ ୧୮୬୭ ମସିହା ମୁ ।<br>୩ଦିନ ମାର୍ଗଶିର ସନ ୧୨୭୪<br>ସାଲ ଶନିବାର | ଅଗ୍ରିମବାର୍ଷିକ ମୂଲ୍ୟ ଟ ୪<br>ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬<br>ମଫସଲ ଗ୍ରାହକ ମାନଙ୍କୁ<br>ମୂଲ୍ୟ ଛଡ଼ା ଡାକମାସୁଲ<br>ବର୍ଷକୁ ଟ ୩। |


## ସାହାଯ୍ୟ ସମ୍ପର୍କରେ ଦେଶୀୟ କର୍ମଚାରୀଙ୍କ ଆଚରଣ

ଦୁର୍ଭିକ୍ଷରେ ସରକାରୀ ସାହାଯ୍ୟ କର୍ମ ସଫଳ ନହେବାର ଏକ କାରଣ ସ୍ୱରୂପ ଅନେକ ସାହେବମାନେ ଆରୋପ କରିଅଛନ୍ତି ଯେ ଏ ଦେଶୀୟ କର୍ମଚାରୀମାନେ ପ୍ରାୟ ସମସ୍ତେ ଅସଦାଚରଣରେ ନ୍ୟୂନାଧିକ ପଟୁତା ଦେଖାଇ ଅଛନ୍ତି । ଅନେକ ସାହାଯ୍ୟ ସ୍ଥାନରେ ଅପବ୍ୟୟ ହେଉଥିବାର ଶ୍ରବଣ ହୁଅଇ ବୋଲି ସାହେବମାନଙ୍କ ମନରେ ଏରୂପ ବିଶ୍ୱାସ ଜନ୍ମିଅଛି ଯେ କୌଣସି ସ୍ଥାନର ସୋହବଦରୁ କାରଣ ନଦର୍ଶାଇ ସରକାରୀ କର୍ମରୁ ରହିତ କରିବାରୁ ଉପଯୁକ୍ତ ସନ୍ଦେହ ସାହେବମାନଙ୍କ ମନରେ ହୋଇଥିବାର ସ୍ପଷ୍ଟ ଲକ୍ଷିତ ହେଉଅଛି । ମାତ୍ର ଦେଶୀୟ କର୍ମଚାରୀମାନଙ୍କ ଉପରେ ଅଦ୍ୟାପି କୌଣସି ଅସଦାଚରଣର ଅଭିଯୋଗ ସାବ୍ୟସ୍ତ ହୋଇ ନଥିବା ସତ୍ତ୍ୱେ ଯଦ୍ୟପି ସାହେବମାନେ ତାଙ୍କର ଉପରେ ସନ୍ଦେହ କରି ଏ ଦେଶର ସରକାରୀ ଅନ୍ୟାନ୍ୟ ମହକୁମାର କର୍ମମାନ ଏ ଦେଶର ଲୋକଦ୍ୱାରା ଉତ୍ତମ ରୂପେ ନିର୍ବାହ ହୋଇ ଅଛି ବିଶେଷ ଅସଦାଚରଣ ଲକ୍ଷଣ କଦାଚ ଦୃଶ୍ୟ ହୋଇ ନାହିଁ ତେବେ ସାହାଯ୍ୟ କର୍ମରେ ଯେବେ ସେଥିର ବିପରୀତ ଦର୍ଶନ ହେଲା ତେବେ ସେଥିର ଭିନ୍ନ କାରଣ ଅଛି ତାହା ଏସ୍ଥଳେ ବିବେଚନା କରିବାକୁ ଆମ୍ଭେମାନେ ମାନସ କରୁଁ ।

ପ୍ରଥମେ ବିସ୍ତର କରି ଦେଖିଲେ ପ୍ରକାଶ ପାଏ ଯେ ସାହେବମାନେ ଦେଶୀୟ ଲୋକଙ୍କୁ ଜଦା କରିପାରନ୍ତି ନାହିଁ କାମ୍ଭା ତାହାଙ୍କ ଦୁଷ୍ଟଶାସନତାର ଦୋହାଇ ଦେଇ କୌଣସି ଅପକର୍ମର ଫଳରୁ ରକ୍ଷାପାଇ ନପାରନ୍ତି କାରଣ ଗବର୍ଣ୍ଣମେଣ୍ଟ ସେମାନଙ୍କୁ

Digitized by srujanika@gmail.com

Split by PDF Splitter



ଯେ ଦେଶର ନିଯୁକ୍ତ କରି ଅଛନ୍ତି ସେ ଦେଶର ଉନ୍ନତି ସାଧନ କରିବା ତାହାଙ୍କର କର୍ତ୍ତବ୍ୟ କର୍ମ ଅଟଇ ଯେ ପରିମାଣରେ କାର୍ଯ୍ୟ ଦ୍ୱାରା ସେ ଫଳର ପରିଚୟ ପ୍ରାପ୍ତ ହେବ ସେ ପରିମାଣରେ ଉକ୍ତ ହାକିମଙ୍କର ସୁଖ୍ୟାତି ହେବ ସେଥିର ଅନ୍ୟଥା ହେଲେ ସେମାନଙ୍କର ନିନ୍ଦା ହୁଅଇ । ଯେଉଁଠାରେ ଅପରାଧ ଅଧିକ ବର୍ଦ୍ଧନ ହୁଅଇ ସେଠାକାର ପୁଲିସ ଓ ଫଉଜଦାରୀ ହାକିମଙ୍କୁ ସମସ୍ତେ ନିନ୍ଦାକରନ୍ତି । ଯେବେ କୁତ୍ସିତ ନଥାନ୍ତା ସମସ୍ତେ ନ୍ୟାଯ୍ୟ ପୂର୍ବକ କର୍ମ କରୁଥାନ୍ତେ ତେବେ ପୁଲିସ, ପଲଟନ, ନିଯାମତ, ଇତ୍ୟାଦି କାହାରି ଆବଶ୍ୟକ ହୁଅନ୍ତା ନାହିଁ, ମାତ୍ର ସେରୂପ ହେବା ସଂସାରର ଗତି ନୁହଇ ଅତଏବ ଦୁଷ୍କର୍ମ ନିବାରଣରେ ଯେ ଯେତେଦୂର କୃତକାର୍ଯ୍ୟ ହୁଅଇ ସେ ତେତେ ପ୍ରଶଂସାର ଭାଜନ ହୁଅଇ । ଅତଏବ ହାକିମମାନଙ୍କୁ ଦେଶୀୟ ଲୋକଙ୍କ ନିନ୍ଦା କରିବା ସ୍ୱୟଂ ଆପଣାକୁ ନିନ୍ଦା କରିବା ହୁଅଇ, ବାସ୍ତବରେ ହାକିମମାନେ ଆମ୍ଭମାନଙ୍କ ଅବସ୍ଥା ଉନ୍ନତି ପକ୍ଷରେ ଉତ୍ସାହୀ ଥିବାର ଦେଖାଯାଏ ନାହିଁ । ଚରିତ୍ର ସଂଶୋଧନ ଓ ଜ୍ଞାନଲାଭର ଏକମାତ୍ର ଉପାୟ ବିଦ୍ୟା ଓ ତାହା ଶିକ୍ଷା ଦେବାପାଇଁ ଯଦ୍ୟପି କି ଗବର୍ଣ୍ଣମେଣ୍ଟ ନାନାସ୍ଥାନରେ ସ୍କୁଲ ସ୍ଥାପନ ପୂର୍ବକ ଅନେକ ବ୍ୟୟ ସ୍ୱୀକାର କରୁଅଛନ୍ତି ମାତ୍ର ସ୍ଥାନୀୟ ହାକିମମାନଙ୍କ ଅମନଯୋଗୀତା ହେତୁରୁ ତାଦୃଶ ଉପକାର ହେଉନାହିଁ । ଏ ଦେଶର ଲୋକମାନେ ଅଧିକାଂଶରେ ନିର୍ଦ୍ଧନ ଓ ଅନେକ ଦିନରୁ ହୀନାବସ୍ଥାରେ ପତିତ ଥିବାରୁ ବିଦ୍ୟା ସକାଶେ ବିଦ୍ୟା-ଲାଭର ଚେଷ୍ଟା କରନ୍ତିନାହିଁ କେବଳ ଚାକିରି ଆଶାରେ ଅଳ୍ପ ଲୋକମାନେ ଆପଣା ଶିଶୁମାନଙ୍କୁ ସ୍କୁଲକୁ ପଠାନ୍ତି ମାତ୍ର ଯେତେବେଳେ ସେମାନେ ଏକପ୍ରକାର ବିଦ୍ୟାଲାଭ କରି କର୍ମର ଆଶାରେ ସରକାରୀ କୌଣସି ମହକୁମାକୁ ଆସନ୍ତି ତେତେବେଳେ ହାକିମମାନେ ତାହାଙ୍କ ପରିଶ୍ରମ ପ୍ରତି ଦୃଷ୍ଟି ରଖନ୍ତି ନାହିଁ । କର୍ମ ଖାଲିହେଲେ ମୁରବି ବଳ ଦ୍ୱାରା ସେଥିରେ ଲୋକ ନିଯୁକ୍ତ ହୁଅଇ ଓ ଗୁଣାଗୁଣ ବିବେଚନାର ହାତରେ ଯାହାପ୍ରତି ସାହେବଙ୍କ ସୁଦୃଷ୍ଟି ପଡ଼ଯାଏ ସେ ବ୍ୟକ୍ତି କର୍ମପ୍ରାପ୍ତ ହୁଅଇ । ଏଥିରେ ଯେବେ ଅନେକ କର୍ମଚାରୀଙ୍କ ଆଚରଣ ଉତ୍ତମ ଦେଖା ନଯାଏ ତେବେ ସେଥିପାଇଁ ନିଯୁକ୍ତକାରୀଙ୍କୁ ଦୋଷୀ ହେବାକୁ ହେବ । ଏ ଦେଶୀୟ ଲୋକ ସମୂହ ଉପରେ ଏଥିପାଇଁ ଦୋଷାରୋପ ହୋଇ ନପାରେ ।

ଦ୍ୱିତୀୟ—ଦୁର୍ଭିକ୍ଷ ଏଲାକାର କର୍ମ ଯେ ରୂପେ ଚଳୁଅଛି ଓ ଆଦ୍ୟରୁ ଯେ ରୂପ ଆରମ୍ଭ ହେଲା ସେଥିରେ କର୍ମଚାରୀମାନେ ଅସଦାଚରଣ ଅବଲମ୍ବନ କରିବାକୁ ବିଶେଷ ସୁଯୋଗ ପାଇଲେ ଅଳ୍ପପାଇଁ ଯେ ପରିମାଣରେ ଅପରାଧ ବଢ଼ିଅଛି ଓ ଅନ୍ୟ ସମୟରେ ଭଲ ଲୋକମାନେ କାଳବଶତଃ ଯେ ରୂପ ଅସତ୍ କର୍ମରେ ପ୍ରବୃତ୍ତ ହେବାର ଅନେକ ସ୍ଥାନରେ ଦେଖାଯାଇଅଛି ତାହା ବିଚାର କଲେ ସାହାଯ୍ୟ ଇଲାକାର କର୍ମଚାରୀମାନେ ଯେ ଦୂଷଣୀୟ କର୍ମ କରିବେ ଏଥିରେ କାହାରି ସନ୍ଦେହ

Digitized by srujanika@gmail.com

Split by PDF Splitter


ନାହିଁ । ବିଶେଷରେ ସାହାଯ୍ୟ ସ୍ଥାନମାନଙ୍କୁ ଯେ ମୋହରରମାନେ ନିଯୁକ୍ତ ହୋଇ ପଠାଗଲେ ସେମାନଙ୍କୁ ବିଶେଷ ଭାର ଦିଆଗଲା ମାତ୍ର ସେମାନଙ୍କ ଶିକ୍ଷା କି ଆଚରଣର ତାଦୃଶ ବିବେଚନା ହୋଇନାହିଁ ଓ ବେତନ ମଧ୍ୟ ସମୟପ୍ରତି ଉପଯୁକ୍ତ ମତେ ସ୍ଥିର ହୋଇନାହିଁ । ଗତ ଜୁନମାସଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଶସ୍ୟର ଭାବ ଯେ ରୂପ ଥିଲା ତହିଁରେ ମାସକୁ ୧୫ ଟଙ୍କା ମୋହରର ଓ ତାହାର ପାଚକ ଓ ଗୁରୁକର ଖୋରାକକୁ ଅକୁଲନ ଏଥିରେ ପୁଣି ତାହାକୁ କଳ୍ପିତ ସମ୍ଭ୍ରମରେ ରହିବାର ଆବଶ୍ୟକ ଓ ତାହାପାଇଁ କିଛି ଅଧିକ ବ୍ୟୟ ଆବଶ୍ୟକ ହେଲା । ନିଯୁକ୍ତ ସମୟରୁ କେହି କେହି ଦୁଇ ତିନମାସ ପର୍ଯ୍ୟନ୍ତ ବେତନ ପାଇଲେ ନାହିଁ ଓ ଏଥିମଧ୍ୟରେ କାହାରିକୁ ଜରିମାନା ସୂଚା ହେଲା । ଏତଦ୍ ବ୍ୟତିରେକେ ତାହାଙ୍କୁ ଯେତେ ଶୃଙ୍ଖଳ ଓ ଅଧିକାର ସମର୍ପଣ ହେଲା ତାହାର ଆୟ ଓ ବ୍ୟୟ ଉତ୍ତମ ମଧ୍ୟମର ଯଥାର୍ଥ ମତେ ଅନୁସନ୍ଧାନ ହୋଇନାହିଁ । ଫଳତଃ ସକଳ କାର୍ଯ୍ୟ ଏକପ୍ରକାର ଧର୍ମ ଉପରେ ନିର୍ଭର କରିଥିଲା । ଏସ୍ଥଳେ ବହୁକାଳର ବୁଭୁକ୍ଷିତ ଗୁରୁକର ସୁଯୋଗ ପାଇଲାକ୍ଷଣି ଯେ ଉଦରପୂର୍ତ୍ତି କରିବାର ଇଚ୍ଛା କରିବ ଓ ପ୍ରଲୋଭନର ଆନୁଗାମୀ ହେବ ଏଥିରେ ଆଶ୍ଚର୍ଯ୍ୟ କି ? ଧର୍ମ ଭୟରେ କେତେ କର୍ମ ସୁବ୍ୟବସ୍ଥା ରୂପେ ଚଳିପାରଇ । ସକଳ ବିଷୟରେ ନିୟମିତ ପରିମାଣରେ ଶାସନର ଆବଶ୍ୟକ । ଯେବେ ଶାସନ ନାହିଁ ତେବେ କଦାଚ ଇଚ୍ଛାନୁସାର କର୍ମ ଚଳିବ ନାହିଁ ପାଠସ୍ୟ ମିତ ବକ୍ତା ସୁବିକ୍ଷାର ସେକସାର କହିଅଛନ୍ତି ଯେ ଗୃହମଧ୍ୟରେ ଖାଦ୍ୟଦ୍ରବ୍ୟ ପୂର୍ତ୍ତି ଓ ଦ୍ୱାରମୁକ୍ତ ଥିଲେ କ୍ଷୁଧା ପୀଡ଼ିତ ବ୍ୟକ୍ତି କି ଉପବାସ ମାସର ଆଶଙ୍କା କରିବ ? ଏପରି କଦାଚ ହେବାର ନୁହଇ ଓ ଯଦ୍ୟପି କି କୌଣସି ସମୟରେ ତାହା ସିଦ୍ଧ ହୋଇପାରେ ଅର୍ଥାତ କେବଳ ଧର୍ମ ଭୟରେ ଲୋକ ସତ୍‌ମାର୍ଗରେ ଚଳନ୍ତି ତଥାଚବୁଦ୍ଧି ମନର କର୍ମ ନିଜ ସାଧ୍ୟାନୁସାର ସତର୍କ ରହିବାର ଉପାୟମାନ ନିଷ୍ପନ୍ନ କରିବ । ଡାଆଣୀ ହସ୍ତରେ ପୁତ୍ର ସମର୍ପଣ କରିବା କେତେବେଳେ ଯୁକ୍ତିସିଦ୍ଧ ନୁହଇ ଓ ଯଦ୍ୟପି କି ଏକସମୟରେ ଅମଙ୍ଗଳ ଘଟି ନପାରେ ତଥାପି ଦୁର୍ଘଟଣା ସମୟରେ ସମର୍ପଣକାରୀର ଦୋଷ ଧରାଯିବ ।

ଆମ୍ଭମାନଙ୍କର ସାହାଯ୍ୟ ବିତରଣ କର୍ତ୍ତାମାନେ ଯଦ୍ୟପି ଉପଯୁକ୍ତ ବେତନ ଦେଇ ଅନୁସନ୍ଧାନ କରି ଅମଲା ନିଯୁକ୍ତ କରିଥାନ୍ତେ ଓ ସେମାନଙ୍କ ଦୁଷ୍ଟଶୀଳ ଓ ସମ୍ପତ୍ତିର ଅପବ୍ୟୟ ନିବାରଣ ପକ୍ଷରେ ଯଥାବିହିତ ସାବଧାନ ହୋଇଥାନ୍ତେ ତାହାହେଲେ ଏଦେଶ ଲୋକମାନେ ଅନ୍ୟାନ୍ୟ ଦେଶର ଲୋକାପେକ୍ଷା ଅଳ୍ପ ଦୁଷ୍ଟଶୀଳତା ଦେଖାନ୍ତେ ସନ୍ଦେହ ନାହିଁ ।

ଏପ୍ରକାର ବିବେଚନା କରି ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ସାହାଯ୍ୟ କର୍ମ ଦେଶୀୟ କର୍ମଚାରୀଙ୍କ ସକାଶେ ଉତ୍ତମ ରୂପ ନ ଚଳିବାର ଅପବାଦ

Digitized by srujanika@gmail.com

Split by PDF Splitter



ହେବା ଅନର୍ଥକ କାରଣ ତଦ୍ୱାରା ଯାହାକିଛି ଅନ୍ୟାୟ ହୋଇଅଛି ତାହା ବିତରଣ କର୍ତ୍ତାଙ୍କ ଅବିବେକତାରୁ ହୋଇଥିବାର ଜଣାଯାଏ ।

---

## କାଙ୍ଗାଳିଙ୍କ ଭବିଷ୍ୟତ ଅବସ୍ଥା —

କ୍ରମଶଃ ଦୁର୍ଭିକ୍ଷର ପ୍ରବଳ ଅସ୍ତ ହେବାକୁ ଆରମ୍ଭ ହେଲା ଓ ସଚରାଚର ଫସଲ ଉତ୍ତମ ହୋଇଥିବା ସମସ୍ତଙ୍କ ମନରେ ଜାଗରିତ ହେବାରୁ ବଜାରରେ ଶସ୍ୟର ଭାଉ ଦିନକୁ ଦିନ ବୃଦ୍ଧି ହେବାର ଦେଖାଯାଉଅଛି । ଗତ ସପ୍ତାହରେ ଗୋଟିଏ ଟଙ୍କାକୁ ୭ ସେର ମିଳିବାର ଦୁସ୍ତର ଥିଲା ମାତ୍ର ଏ ସପ୍ତାହରେ ୧୨ ସେରରୁ ଅଧିକରେ ପ୍ରାପ୍ତ ହେଉଅଛି । ଦୁଃଖୀମାନେ ବର୍ତ୍ତମାନ ଧନ ଆବଶ୍ୟକ କରୁଅଛନ୍ତି ଶସ୍ୟ ଅପ୍ରାପ୍ତିର କଥା ଅଳ୍ପକାଳରେ କାହାରିକୁ କହିବାକୁ ହେବନାହିଁ । ଅତଏବ ଯେଉଁମାନେ ଘରଦ୍ୱାର ତ୍ୟାଗକରି ସରକାର ବାହାଦୂରଙ୍କ ଆଶ୍ରା ଗ୍ରହଣ କରିଅଛନ୍ତି ତାହାଙ୍କ ନିର୍ବାହ କି ରୂପେ ଚଳିବ ସାହାଯ୍ୟ ବିତରଣକାରୀଙ୍କୁ ଏଥିରେ ବିଚାର କରିବାର ଆବଶ୍ୟକ । ଆମ୍ଭମାନଙ୍କୁ ଏପରି ବୋଧ ହେଉଅଛି ଯେ ଯେତେବେଳେ ଅନ୍ନଛତ୍ରମାନ ଖୋଲିଥିବ ତେତେକାଳ କଙ୍ଗାଳିମାନେ ଆପଣା ନିର୍ବାହ ଉପାୟ ଚିନ୍ତା କରିବେ ନାହିଁ । ଗତ ୬।୭ ମାସ ସେମାନେ ଅନ୍ନଛତ୍ରରେ ବିନା ପରିଶ୍ରମରେ ଖାଇବାକୁ ପାଇ ପରିଶ୍ରମ ପ୍ରତି ସେମାନଙ୍କ ଇଚ୍ଛା ହେଉନାହିଁ ।

ବିଶେଷତଃ ସେମାନେ ଜାତିଗୃହ ପରିବାରାଦି ତ୍ୟାଗ କରି ଛତ୍ରରେ ପଡ଼ିଥିବାରୁ ଆଉ କୌଣସି ବିଷୟର ଚିନ୍ତା ନାହିଁ, ଯେ ପ୍ରକାରରେ ହେଉ ଆପଣା ଉଦର ପୋଷିପାରିଲେ ତାହାଙ୍କର ସମସ୍ତଚିନ୍ତା ଶେଷହେଲା । ଏପରି ଲୋକ କେଉଁ ଆଶାରେ ଅଧିକ ପରିଶ୍ରମ ଦ୍ୱାରା ଅଧିକ ଲାଭର ଇଚ୍ଛା କରିବ ? ବିନାପରିଶ୍ରମ ଅଥବା ଯତ୍କିଞ୍ଚିତ ପରିଶ୍ରମରେ ଯେବେ ସେ ଖାଇବାକୁ ପାଏ ତେବେ ତାହାର ଇଷ୍ଟସିଦ୍ଧି ଲାଭ ହେଲା । ଏମନ୍ତ କଙ୍ଗାଳିଙ୍କ ସକାଶେ ଅନ୍ନଛତ୍ର ଖୋଲାରଖିବା ବେଳେ ଆଳସ୍ୟର ସମ୍ମାନ ବଢ଼ାଉବା ହୁଅଇ । ବର୍ତ୍ତମାନ ମଧ୍ୟ ଶସ୍ୟର ଭାଉ ଯେରୂପ ହୋଇଅଛି ସେଥିରେ ଦିନକୁ ୫°/୯ ଅଣା ମୂଲ୍ୟରେ ଜଣେ ମୂଲିଆର ଦିନପାତ ହୋଇପାରେ ଓ ଇରିଗେସନ୍ କମାଣ୍ଡ ଓ ବାରିକମାଷ୍ଟର ଓଭର ଇଲାକା କର୍ମରେ ସେତେଲୋକ ମୂଲିଆ କର୍ମ ପାଇ ପାରନ୍ତି । ଅତଏବ ଆମ୍ଭମାନଙ୍କ ବିବେଚନାରେ ସମସ୍ତ ଅନ୍ନଛତ୍ରରୁ ଅଳ୍ପ ଅବା ବିସ୍ତର ପରିଶ୍ରମ କରିବା ଭଳି କଙ୍ଗାଳିଙ୍କୁ ଏକାବେଳେ ବିଦାୟ ଦିଆଯାଉ । ସେମାନଙ୍କୁ ଦସ୍ତଖତ ଚିଠି ଦ୍ୱାରା ଉପରୁକ୍ତ ଇଲାକା ଇଞ୍ଜିନିୟର ମାନଙ୍କ ନିକଟକୁ ପଠାଇ ଦିଆଯାଉ ନଚେତ୍ ସେମାନଙ୍କୁ ଏକ ଏକ ସପ୍ତାହ

Digitized by srujanika@gmail.com

Split by PDF Splitter



ଖାଇବା କାରଣ ଅର୍ଥ ଦିଆଯାଇ ଛତ୍ରରୁ ବାରଣ କରି ଦିଆଯାଉ । ଏ ସମସ୍ତ ମଧ୍ୟ ସମସ୍ତେ ଅକ୍ଳେଶରେ ପରିଶ୍ରମ କରିବାକୁ ପାଇବେ । ଯେଉଁମାନେ ମାଟିକର୍ମ କରିବାକୁ ନ ଥିବେ ସେମାନେ ଆପଣା ଗ୍ରାମରେ ଧାନକଟା କର୍ମରେ କେତେ ଦିନ ନିର୍ବାହ କରିବେ ସନ୍ଦେହ ନାହିଁ ।

ଏ ରୂପେ ପରିଶ୍ରମୋପଯୁକ୍ତ କଙ୍ଗାଳଙ୍କ ବନ୍ଦୋବସ୍ତ କଲାରୁ ଅନ୍ନଛତ୍ରରୁ ସାହାଯ୍ୟ ପାଇବା ବ୍ୟକ୍ତି କେତେକ ଜଣ ଅକ୍ଷମ ଲୋକ ମାତ୍ର ରହିଯିବେ । ମାତ୍ର ସେମାନଙ୍କ ବ୍ୟବସ୍ଥା କରିବା କିଛି କଠିଣ କର୍ମ । କାରଣ ଏମାନେ ସ୍ୱୟଂ କର୍ମଦ୍ୱାରା ଜୀବନଯାପନ କରିପାରିବେ ନାହିଁ ଓ ତାହାଙ୍କର ପ୍ରତିପୋଷଣର ଭାରନେଇ ପାରେ ଏପରି କେହି ବନ୍ଧୁ କୁଟୁମ୍ବ ଯେ ତାହାଙ୍କର ଅଛି ଏହା ମଧ୍ୟ ସନ୍ଦେହର ସ୍ଥଳ ସୁତରାଂ ଗବର୍ଣ୍ଣମେଣ୍ଟ ଭିନ୍ନ ଏହାଙ୍କର ଉପାୟାନ୍ତର ନାହିଁ । ଆମ୍ଭମାନଙ୍କ ଜାଣିବାରେ ଏମାନଙ୍କ ପକ୍ଷରେ ଏହି ବିଧାନ ହୋଇପାରେ ଯେ ଏ ସମସ୍ତ ମନୁଷ୍ୟଙ୍କୁ ଅନ୍ନଛତ୍ରରେ ସାବଧାନ ପୂର୍ବକ ରଖି ସବଳ କରିବାର ଚେଷ୍ଟା କରାଯିବ । ଏଥି ମଧ୍ୟରେ ଯେଉଁମାନେ ପରିଶ୍ରମ କରିବାର ଉପଯୁକ୍ତ ହେଉଥିବେ ସେମାନେ ବିଦାୟ ହେଉଥିବେ ଓ ବାକିଲୋକ ଅବଶ୍ୟ ଜୀବଦ୍ଦଶା ପର୍ଯ୍ୟନ୍ତ ସାହାଯ୍ୟ ପାଇବେ । ଏସମସ୍ତ ଲୋକଙ୍କୁ ସମସ୍ତ ଅନ୍ନଛତ୍ରରୁ ସଂଗ୍ରହ କରି ଆଣି ସଦର କିମ୍ବା ସବଡ଼ିଭିଜନ ଅନ୍ନଛତ୍ରରେ ରଖିଲେ ସେଠାରେ ହାକିମ ଓ ଡାକ୍ତର ଦ୍ୱାରା ତାହାଙ୍କର ଯଥୋଚିତ ଯତ୍ନ ହେବ ।

ଅତଏବ ଆମ୍ଭେମାନେ ପ୍ରସ୍ତାବକରୁ ଅଛୁଁ ଯେ ପରିଶ୍ରମ କରିବାଭଳା ଲୋକଙ୍କୁ କିଞ୍ଚିତ ଅର୍ଥ ଦିଆଯାଇ ଅନ୍ନଛତ୍ରରୁ ବହିଷ୍କୃତ କରାଯାଉ, ଅକ୍ଷମ କଙ୍ଗାଳ-ମାନଙ୍କୁ ସଦର କିମ୍ବା ସବଡ଼ିଭିଜନର ପ୍ରଧାନ ସ୍ଥାନକୁ ପଠାଯାଉ ଓ ମଫସଲ ଅନ୍ନଛତ୍ରମାନ ଏକାବେଳେ ଉଠିଯାଉ । ତିନିଗୋଟି ଅନ୍ନଛତ୍ର ଜିଲା ସକାଶେ ଯଥେଷ୍ଟ ହେବ ଓ ଅଳ୍ପବ୍ୟୟ ଓ ଉତ୍ତମ ତତ୍ତ୍ୱାବଧାରଣ ପୂର୍ବକ ଏଥିର କର୍ମମାନ ଚଳିବ । ଅଧିକ ଅନ୍ନଛତ୍ର ଖୋଲିବା କେବଳ ଅଧିକ ଅପବ୍ୟୟ ହେତୁ ଓ ଏ ସମୟରେ ଯେବେ ତାହା ନିବାରଣ କରିବାର ସୁଯୋଗ ହେଲା ତେବେ ତାହା କି ନିମିତ୍ତ କରା ନଯିବ ?

ଅରକ୍ଷ ବାଳକଙ୍କ ବିଷୟ ଏଥିପୂର୍ବେ ନିଷ୍ପତ୍ତି ହୋଇଅଛି । ଶ୍ରୀଯୁକ୍ତ କମିସ୍ନର ସାହେବଙ୍କ ପ୍ରସ୍ତାବ ମତେ ଆମ୍ଭର ଦୟାଶୀଳ ଗବର୍ଣ୍ଣମେଣ୍ଟ ପ୍ରତି ବାଳକ ସକାଶେ ମାସକୁ ଟ ୧ ଙ୍କା ଲେଖା ଏ ଖୋରାକ ମଞ୍ଜୁର କରି ଅଛନ୍ତି । ଓ ମିସ୍‌ନରିମାନଙ୍କୁ ଏଥିର ଭାରନେବା ପାଇଁ କମିଟି ଅନୁରୋଧ କରିଅଛନ୍ତି । ମିସ୍ନରିଙ୍କଦ୍ୱାରା ଏମାନଙ୍କ ଶିକ୍ଷା ହୋଇପାରିବ ସନ୍ଦେହ ନାହିଁ, ମାତ୍ର ଯଦ୍ୟପି ଏମାନଙ୍କୁ କେବଳ ଲେଖିବା

Digitized by srujanika@gmail.com

Split by PDF Splitter



ପଢ଼ିବା ଶିକ୍ଷା ଉପ୍ଥାନପାଇ କୃଷିବିଦ୍ୟା ଓ ଶିଳ୍ପ କର୍ମର ଶିକ୍ଷା ଦିଆଯିବାର କୌଣସି ଉପାୟ ହୁଅଇ ତାହାହେଲେ ଅଳ୍ପ କାଳରେ ଏମାନଙ୍କର ପରମ ଉପକାର ହେବ । ଭାରଗ୍ରସ୍ଥ ବ୍ୟକ୍ତିଙ୍କୁ ଏ ବିଷୟ ଆମ୍ଭେମାନେ ପୂର୍ବରୁ ଜଣାଇଲୁ ସେମାନେ ବିବେଚନା ପୂର୍ବକ କର୍ମ କାରକ ହେବେ ।

## ସାପ୍ତାହିକ ସମ୍ବାଦ

ବଙ୍ଗ ଦେଶର ଯେଉଁ ଯେଉଁ ସ୍ଥାନରେ ଦୁର୍ଭିକ୍ଷ ହୋଇଅଛି ସେ ସ୍ଥାନ ମାନଙ୍କରେ ଦୁର୍ଭିକ୍ଷର ଅବସ୍ଥା ଓ ତାହାନିବାରଣ ଉପାୟମାନ ଅନୁସନ୍ଧାନ କରି ଗବର୍ଣ୍ଣମେଣ୍ଟଙ୍କ ଗୋଚରାର୍ଥେ ରପୋର୍ଟ କରିବା ସକାଶେ ଶ୍ରୀଯୁକ୍ତ ଏଚ୍. ଏଲ. ଡାମ୍ପିୟର ସାହେବ ଖାସ କମିସ୍ନର ସ୍ୱରୂପ ନିଯୁକ୍ତ ହୋଇ ଅଛନ୍ତି । ବଙ୍ଗାଳ ଗବର୍ଣ୍ଣମେଣ୍ଟ ଏହାଙ୍କୁ ଆଦେଶ କରି ଅଛନ୍ତି ଯେ ବର୍ଦ୍ଧମାନ, ନଦିୟା, ଓ ଓଡ଼ିଶା ପ୍ରଦେଶମାନ ଉକ୍ତ ସାହେବଙ୍କ ସ୍ୱୟଂ ଭ୍ରମଣ କରି ଦୁର୍ଭିକ୍ଷର ଗତି ଓ ସାହାଯ୍ୟର ପ୍ରକାର ଲୋକଙ୍କ ଅବସ୍ଥା ଅନାହାର ଇତ୍ୟାଦିର ମୃତ୍ୟୁ ସଂଖ୍ୟା ଓ ଅନ୍ୟାନ୍ୟ ବିଷୟମାନ ବିଶେଷ ରୂପେ ଅନୁସନ୍ଧାନ ପୂର୍ବକ ଏକ ଇତିହାସ ପ୍ରକାରରେ ଲେଖି ଏପରି ସମୟରେ ଗବର୍ଣ୍ଣମେଣ୍ଟଙ୍କୁ ଅର୍ପଣ କରିବେ କି ଯେମନ୍ତ ଆଗତ ପାର୍ଲିମେଣ୍ଟ ବସିବା ବେଳେ ଉକ୍ତ ରିପୋର୍ଟ ସେଠାରେ ଉପସ୍ଥିତ ହୋଇ ପାରିବ । ଡେମ୍ପିୟର ସାହେବ ଜଣେ ଉପଯୁକ୍ତ ହାକିମ ତାଙ୍କ ଦ୍ୱାରା ଏ କର୍ମ ଉତ୍ତମ ରୂପେ ନିର୍ବାହ ହେବ ମାତ୍ର ତାଙ୍କସମାନ ଅନ୍ୟ କର୍ମଚାରୀଙ୍କ ଦୋଷଗୁଣ କି ପ୍ରକାରେ ସେ ବ୍ୟକ୍ତ କରିବେ ତାହା ବର୍ତ୍ତମାନ ଆମ୍ଭେମାନେ ନିଶ୍ଚୟ କରିପାରୁ ନାହୁଁ । କଟକ ନିବାସୀ ଶ୍ରୀଯୁକ୍ତ ଦୀନନାଥ ବନ୍ଦୋପାଧ୍ୟାୟଙ୍କ ଲିଖିତ ଏକ ପତ୍ର ଏଡ଼ୁକେସନ ଗେଜେଟରେ ମୁଦ୍ରିତ ହୋଇଅଛି । ସେଥିରେ କଟକସ୍ଥ ସୁରାପାନ ନିବାରଣ ସଭା ରହିତ ହେବାରୁ ଲେଖକ ଆକ୍ଷେପ ପ୍ରକାଶ କରିଅଛନ୍ତି । ଲେଖକଙ୍କ ମତରେ ପ୍ରଧାନ ସଭ୍ୟମାନେ ନାନା ବିଷୟକ ବୃଥା ଦଳାଦଳି କଥାରେ ଲିପ୍ତ ହୋଇ ଦେଶର ମଙ୍ଗଳ ସାଧକ ମହଦନୁଷ୍ଠାନରୁ ପରାଙ୍ମୁଖ ହୋଇ ଅଛନ୍ତି । ସେ କାରଣରୁ ହେଉ ଆମ୍ଭମାନଙ୍କ ବିବେଚନାରେ ଏ ସଭାଟି ସ୍ଥଗିତ ହେବା ଉତ୍ତମ ହୋଇନାହିଁ । ଭରସା କରୁଁ ଯେ ଏ ସଭାର ଅଧ୍ୟକ୍ଷମାନେ ଏହାକୁ ପୁନର୍ଜୀବିତ କରନ୍ତୁ ଓ ସାଧାରଣ ହିତ ପକ୍ଷରେ ପ୍ରାଣପଣେ ଯତ୍ନବାନ ହୋଇ ଆପଣାମାନଙ୍କର କର୍ତ୍ତବ୍ୟ ସାଧନ କରନ୍ତୁ ।

ମାନ୍ଦ୍ରାଜର ଡାକ୍ତର ଇଲାକାର ଇନ୍ସପେକ୍ଟର ଜେନେରଲ ରିପୋର୍ଟ କରି ଅଛନ୍ତି ଯେ ଓଲାଉଠା ରୋଗରେ କଲୋରୋଡାଇନ ଔଷଧ ସାଧାରଣ ରୂପେ

Digitized by srujanika@gmail.com

Split by PDF Splitter



ବ୍ୟବହାର କରିବାରେ ବିଶେଷ ଆପତ୍ତି ଅଛି ଓ ତାହା କେବଳ ବୁଦ୍ଧିବନ୍ତ ଲୋକଙ୍କ ଦ୍ୱାରା ପ୍ରୟୋଗ ହୋଇପାରେ ସେଥିରେ କେତେକ ତୀକ୍ଷ୍ଣ ବିଷ ଅଛି କେତେକ ପ୍ରକାର ଓଲାଉଠା ରୋଗରେ ଏ ଔଷଧ ପ୍ରୟୋଗ କଲେ ଉପକାର ନକରି ଅପକାର କରିପାରେ ମାତ୍ର ଅଧିକ ହେଲେ ଶୀଘ୍ର ମୃତ୍ୟୁ ହୋଇପାରେ ।

ଆମ୍ଭେମାନେ ଜାଣିଅଛୁଁ ଯେ ଅତସ୍ଥ ଅନେକ ଦୟାଶୀଳ ଓ ଧନାଢ୍ୟ ବ୍ୟକ୍ତିମାନେ ଏହି କଲେରାଡ଼ାଇନ ଔଷଧ ଓଲାଉଠା ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କୁ ଦାନ କରିଥାନ୍ତି ଓ ବହୁତର ସ୍ଥଳରେ ତାହା ନିଷ୍ଫଳ ହେବାର ମଧ୍ୟ ଶୁଣାଯାଏ । ତାହାଙ୍କୁ ଅନୁରୋଧ କରୁଅଛୁ ଯେ ଉପରୋକ୍ତ ଡାକ୍ତରଙ୍କ ମତ ପ୍ରତି ଦୃଷ୍ଟି ରଖିବେ ।

ମାନ୍ଦ୍ରାଜ ଟାଇମ୍‌ସ ପତ୍ର ଲେଖନ୍ତି ଯେ ସମ୍ପ୍ରତି ମଙ୍ଗଳୟା ଯାହାଜରେ ୨୦,୦୦୦ ଟଙ୍କାର ସୁବର୍ଣ୍ଣ ଇଙ୍ଗଲଣ୍ଡକୁ ଯାଇଅଛି । ଏତେଦିନ ଉତ୍ତାରୁ ଧାତୁ ବିଶେଷ ଏ ଦେଶରୁ ଯାଉଅଛି । ଦୁର୍ଭିକ୍ଷ କି ଏଥିର କାରଣ ଅଟଇ ?

ସୋମ ପ୍ରକାଶରୁ ଅବଗତ ହେଲୁଁ ଯେ ହାଇକୋର୍ଟ ସିଦ୍ଧାନ୍ତ କରିଅଛନ୍ତି ଅଦାଲତରେ ଡିକ୍ରିଜାରି କରିବା ନିମନ୍ତେ ତିନିବର୍ଷ ମଧ୍ୟରେ କୌଣସି କାର୍ଯ୍ୟ ନକଲେ ତାହା ତମାଦି ହେବ । ଅର୍ଥାତ ଯଥା ନିୟମରେ କାର୍ଯ୍ୟ କରିବାକୁ ହେବ କେବଳ ଡିକ୍ରିଜାରିର ଦରଖାସ୍ତ ମାତ୍ର ଦେଲେ ତଦ୍ୱାରା ତମାଦି ଦୂର ହେବନାହିଁ ।

ଗୁଜରାଟ ମିତ୍ର କହନ୍ତି ଯେ ଗୁଜରାଟର ରାଜା ଆପଣାର ଭୂତପୂର୍ବ ଏକ ମୁସଲମାନ ବେଶ୍ୟାର ମକ୍‌ବାସ୍ଥିତ କବର ଆଚ୍ଛାଦିତ କରିବା ନିମନ୍ତେ ୧୨୦,୦୦୦ ଟଙ୍କା ବ୍ୟୟ କରି ଏକ ଗୃହର ପ୍ରସ୍ତୁତ କରିଅଛନ୍ତି ତାହା ସ୍ୱର୍ଣ୍ଣ ଘଟିତ ଓ ସେଥି ଚାରିପାଖେ ହୀରା ମୁକ୍ତା ଓ ପ୍ରବାଳ ପ୍ରଭୃତି ଅଛି । ଏହି ପ୍ରକାର ଅପବ୍ୟୟ କରିବାରୁ ଏତଦ୍‌ଦେଶୀୟ ରାଜାମାନଙ୍କର ଏପରି ଦୁର୍ଦ୍ଦଶା ହେଉଅଛି ।

ଆର. ଏଲ. ମାର୍ଟିନ ସାହେବ ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ସମୂହର ଇନ୍‌ସପେକ୍‌ଟର ହୋଇ ଅଛନ୍ତି ।

ଇଣ୍ଡିସମ୍ୟାନ ଜନରବ ଶ୍ରବଣ କରିଅଛନ୍ତି ଯେ ମୂରଇ ସାହେବ ଇଂଲଣ୍ଡ ଗଲେ ମଧ୍ୟ ଭାରତବର୍ଷର ପ୍ରଧାନ କମିସ୍ନର ଟେମ୍ପିଲ ସାହେବ ବିଦେଶୀୟ ସେକ୍ରେଟାରୀ ହେବେ ଓ ସର ସିସିଲ ବିଡ଼ନ୍ ଆଗତ ଏପ୍ରେଲ ମାସରେ ପଦତ୍ୟାଗ କଲାରୁ କ୍ଲେ ସାହେବ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ହେବେ ଓ ଟେମ୍ପିଲ ସାହେବ କୌନ୍‌ସଲର ସଭ୍ୟ ହେବେ ।

Digitized by srujanika@gmail.com

Split by PDF Splitter



ଏଡୁକେଶନ ଗେଜେଟ ଲେଖନ୍ତି ଯେ କୁଇବେକ ନଗରରେ ଅଗ୍ନି ଲାଗି ପନ୍ଦର ହଜାର ଗୃହ ଦଗ୍ଧ ହେବାରେ ଅଠର ହଜାର ଲୋକ ଗୃହଶୂନ୍ୟ ହୋଇ ଅଛନ୍ତି ।

ଉକ୍ତ ପତ୍ର ଆହୁରି କହନ୍ତି ଯେ ଲିବରପୁଲ ନିବାସୀ ଜଣେ ଭଦ୍ରଲୋକ ଏତେଦିନ ଖ୍ରୀଷ୍ଟିୟାନ ଧର୍ମଶାସ୍ତ୍ର ଅନୁସନ୍ଧାନ କରି କରି ଏହି ଭବିଷ୍ୟଦ୍ବାଣୀ ପ୍ରକାଶ କରିଅଛନ୍ତି ଯେ ଏହି ବର୍ଷ ମଧ୍ୟରେ ସମ୍ରାଟ ନେପୋଲିୟନ କର୍ତ୍ତୃକ ଇଂଲଣ୍ଡ ଆକ୍ରାନ୍ତ ହେବ । ସେ ତାହାଙ୍କ ଅଭିପ୍ରାୟ ପୁସ୍ତକାକାରରେ ମୁଦ୍ରିତ କରିଅଛନ୍ତି । ଅଚ୍ୟୁତାନନ୍ଦ ଗୋସ୍ୱାମୀଙ୍କ ମାଳିକା ମୁଦ୍ରିତ କଲେ ବୋଧ ହୁଅଇ ଏଦେଶର ଅନେକ ଭବିଷ୍ୟଦ୍ବିଷୟ ପ୍ରକାଶ ହେବ ।

ବଙ୍ଗ ଦେଶର ଜେଲ ସମୂହର ଇନସପେକ୍ଟର ଜେନେରଲ ଗତକ ବର୍ଷ ମଧ୍ୟରେ କେହି ବିଷ ବିଷୟ କମ୍ପା ଆପଣା ନିକଟରେ ରଖି ନପାରିବାର ନିୟମ ହେବାର ଆବଶ୍ୟକ ଥିବା ବିଷୟରେ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ କରି ଅଛନ୍ତି ।

ବୋର୍ଡ଼ ରେବନ୍ୟୁଙ୍କ ରିପୋର୍ଟରୁ ଅବଗତ ହେଲୁଁ ଯେ ବଙ୍ଗ ଦେଶର ଅନେକ ଜିଲାରେ ଦୁର୍ଭିକ୍ଷାଗ୍ନି ନିର୍ବାଣ ହେଉଅଛି । ବାଲେଶ୍ବର, ମେଦନୀପୁର, ପାଟନା, ସାରନ ଓ ସାହାବାଦରେ ଅନ୍ନଛତ୍ରମାନ କ୍ରମେ ବନ୍ଦ ହେଉଅଛି ଓ ଫସଲ ଉତ୍ତମ ହୋଇଥିବାରୁ ଚାଉଳ ଦର ଶୀଘ୍ର ଊଣା ହେଉଅଛି । ଏହା ଅତି ଆନନ୍ଦ ସମାଚାର ମାତ୍ର ମୃତ୍ୟୁ ସଂଖ୍ୟା ଅବଧି ବିଶେଷ ଊଣା ହୋଇନାହିଁ ।

କଟକରେ ଚାଉଳ ଦର ଏକ ନୂତନ ନିୟମରେ ବଢୁଅଛି । ଦିନ ମଧ୍ୟରେ ପ୍ରାୟ ତିନି ଚାରିଥର ଦର ବଦଳ ହେଉଅଛି ମାତ୍ର ସୌଭାଗ୍ୟର ବିଷୟ ଯେ ପ୍ରତି ପରିବର୍ତ୍ତନରେ କିଛି ଚାଉଳ ଅଧିକ ହେଉଅଛି । ବର୍ତ୍ତମାନ ସହରରେ ୧୩ ସେର ପର୍ଯ୍ୟନ୍ତ ଚାଉଳ ପ୍ରାପ୍ତ ହୁଅଇ ଓ ସମ୍ବଲପୁରରୁ ଯେ ପରିମାଣରେ ଆମଦାନି ହେଉ-ଅଛି ଏଥିରେ ଅଧିକ ହେବାର ସମ୍ଭାବନା । ଯାହାହେଉ ଏଣିକି ବିଶ୍ୱାସ ହେଉଅଛି ଯେ ଏବର୍ଷ ଲୋକ ସୁଖରେ ରହିବେ । ଏବେ ଦଣ୍ଡିଦାରଙ୍କର ମେଳ ନାହିଁ କି ?

ଗତ ଅକ୍ଟୋବର ମାସ ୨୦ ତାରିଖ ପର୍ଯ୍ୟନ୍ତ ବୋର୍ଡ଼ରେବନ୍ୟୁ ଓଡ଼ିଶାକୁ ତଳ ଲିଖିତ ମତେ ଶସ୍ୟ ପଠାଇବାରେ ବ୍ୟୟ କରିଅଛନ୍ତି ଯଥା—

| | |
|---|---|
| କଟକ ଓ ପୁରୀ | ଟ ୧୦,୧୭୫୪୭ |
| ଧାମରା ଓ ବାଲେଶ୍ବର | ଟ ୨,୭୭୦୩୩ |
| | ଟ ୧୨,୯୪,୫୮୦ |

ଗତ ଜନୱରି ମାହଠାରୁ ଅକ୍ଟୋବର ମାସ ୩୧ ତାରିଖ ପର୍ଯ୍ୟନ୍ତ ମୋଟରେ ପ୍ରାୟ ୭୭ ଇଞ୍ଚ ବର୍ଷା ହୋଇଅଛି ଗତବର୍ଷ ଏହି ସମୟ ମଧ୍ୟରେ କେବଳ ୬୧ ଇଞ୍ଚ ଜଳ ବର୍ଷିଥିଲା ।

Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ସମ୍ବାଦ ପାଇଅଛୁଁ ଯେ ବାଲେଶ୍ୱରରେ ଚାଉଳ ଟଙ୍କାକୁ ୨୧ ସେର ପ୍ରାପ୍ତ ହେଉଅଛି । ମାଘ ପୁଷ୍ୟରେ ୧୦ ସେରରୁ ଅଧିକ ହୋଇନାହିଁ ।

ଇଣ୍ଡିଆନମିରର ସମ୍ପାଦକ ଲେଖନ୍ତି ଯେ କଲିକତା ବ୍ରହ୍ମ ସମାଜର ପ୍ରଧାନ ଆଚାର୍ଯ୍ୟ ବାବୁ ଦେବେନ୍ଦ୍ରନାଥ ଠାକୁର ଆଗତ ଶୀତକାଳରେ ବୋମ୍ବାଇ ଯିବାର ଅଭିପ୍ରାୟ କରିଅଛନ୍ତି । ସେ ଆଗ୍ରା ବାଟେ ବରାବର ସ୍ଥଳପଥରେ ଗମନ କରିବେ ।

ଏଡ଼ୁକେଶନ ଗେଜେଟରୁ ଜ୍ଞାତ ହେଲୁଁ ଯେ ଅମିର ସେଅର ଅଲି ଖାଁ କାନ୍ଦାହାରରୁ ହିରାଟକୁ ଯାତ୍ରା କରିଅଛନ୍ତି । ଅମିରଙ୍କ ପରିବାର ମଧ୍ୟରେ ବିବାଦ ଉପସ୍ଥିତ ହେବାରୁ ରାଜ୍ୟର ଶକ୍ତି ଅନେକ ହ୍ରାସ ହୋଇଅଛି ଓ ଦେଶର ସମସ୍ତ ସର୍ଦ୍ଦାର ଓ ପ୍ରଧାନ ବ୍ୟକ୍ତିମାନେ ବିପକ୍ଷ ହୋଇଅଛନ୍ତି ଓ ସମସ୍ତେ ଏକ ବାକ୍ୟ ହୋଇ ଅମିରଙ୍କ ପରିବାରକୁ ଧ୍ୱଂସ କରିବାକୁ ଚେଷ୍ଟା କରୁଅଛନ୍ତି ।

ଯଶୋହର ଓ ନଦୀୟା ପ୍ରଦେଶର ପ୍ରଜା ଓ ନୀଳକରମାନଙ୍କ ମଧ୍ୟରେ ଦ୍ୱେଷଭାବ ଅନେକ ନିରାକୃତ ହୋଇଅଛି । ନଦୀୟାରେ ନୀଳକୃଷି ଅଧିକତର ଆଦରଣୀୟ ହୋଇଅଛି । ନୀଳ କୃଷି ଯେ ଅତ୍ୟନ୍ତ ପ୍ରୟୋଜନୀୟ ଏହା ପ୍ରଜାମାନଙ୍କର ପୂର୍ବାପେକ୍ଷା ଅନେକ ହୃଦୟଙ୍ଗମ ହୋଇଅଛି ।

ଦିଲ୍ଲୀ ଗେଜେଟ କହନ୍ତି ଯେ ଗବର୍ଣ୍ଣର ଜେନେରାଲ ଆଗ୍ରା ଦରବାର ଶେଷ ହେଲରୁ ମିର୍ଜାପୁର ବାଟେ ଟେମ୍ପେଲ ସାହେବଙ୍କ ଆମନ୍ତ୍ରଣରେ ଜବ୍‌ବଲପୁର ଗମନ କରିବେ ଓ ସେଠାରେ ପ୍ରଦର୍ଶନ ଓ ରେଲୱେର ଉନ୍ନତି ଦର୍ଶନ କରିବେ ।

କାବୁଲର ଶାସନକର୍ତ୍ତାମାନେ ଭୂତପୂର୍ବ ଅମିରଙ୍କ ଭ୍ରାତୃଷ୍ପୁତ୍ର ସର୍ଦ୍ଦାର ଅବଦୁଲ ରୁଫ ଖାଁ ଓ ଆବ୍‌ଦୁଖୀଟୀକ୍ ଖାଁ ଅମିର ସେର ଅଲି ଖାଁଙ୍କ ସପକ୍ଷପାତି କରିଥିବାରୁ ସେମାନଙ୍କୁ କାରାରୁଦ୍ଧ କରିଅଛନ୍ତି ।

---

## ପ୍ରହେଳିକା—

ଅଙ୍ଗେ ମଣିଥିଲେ ହେଁ ମୁଁ ଅଛଇ ଅନ୍ତରେ
ଅଦୃଷ୍ଟରେ ଥିଲକୁ ପଡ଼ିଛି ଅନାଦରେ ।
ସର୍ବବର୍ଣ୍ଣେ ଅଗ୍ରଗନ୍ୟ ନୁହେଁ ଶ୍ରେଷ୍ଠ ଜାତି
ମିଛକୁ ପଣ୍ଡିତ ମୋତେ ଅଜାତି କହନ୍ତି ।
କାଳକୁ ଅକାଳ ସିନା କରିଅଛି ମୁହିଁ
ମାନ ଧୋଇ ମରୁଛି ମୁଁ କିଛି ନଜାଣଇ ।
ଭାବନାରେ ମୋତେ ଜାହୁଁ ପାଇବ ସୁଜନ
ଅନ୍ତେ ମୋତେ ପାଇବ ଭାବନ୍ତେ ସୁଜ୍ଞଜନ ।

---

Digitized by srujanika@gmail.com

Split by PDF Splitter



ନୁହେ ବୃକ୍ଷ ଶାଳା ଜନ୍ମ ପର୍ବତେ ମୋହର
ନୁହେ ଜଳଜନ୍ତୁ ବାସ ସାଗର ଭିତର ।
ପଦନାହିଁ ତଥାଚ ଭ୍ରମଇ ବହୁ ଦେଶ
ହସ୍ତ ବିନା ପ୍ରକାଶଇ ବଳ ମୁଁ ଅଶେଷ ।
ସ୍ୱଚ୍ଛ ନିର୍ମଳ ମୋଠାରୁ ଅଛୁ ଅବା କେହୁ
ବିଜ୍ଞ ସୁଖିବନ୍ତ ମାନ୍ୟ ସଦା ଅଛୁ ବୋହୁ ।
ଏତେ ପରିଚୟ ଦେଲି କହ ମୋର ନାମ
ଅଳ୍ପକଥା କହି ସୁଖେ କରହେ ବିଶ୍ରାମ ।

## ପ୍ରେରିତ ପତ୍ର—

ମହାଶୟ ସନ ୧୮୬୭ ମସିହା ଅକ୍ଟୋବର ମାସ ତା୭-୨୦ ଶିଖର ପ୍ରହେଳିକା ମାନଙ୍କର ଉତ୍ତର ପଠାଇଲୁଁ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ । ପ୍ରଥମ ପଦରେ ଉତ୍ତର ପ୍ରାପ୍ତି ହେବ ଓ ଦ୍ୱିତୀୟ ପଦରେ ତହିଁର ବ୍ୟାଖ୍ୟା ହୋଇଅଛି ।

ପ୍ରଥମେ ଲବ୍‌ଧ କର ବୃତ୍ତ ଧନ ଦଣ୍ଡ
ଦ୍ୱିତୀୟେ ଖଣ୍ଡ ମଧ୍ୟରେ ଦେବର ସଂଯୁକ୍ତ ।
ଆଦ୍ୟୋଦନ୍ତ ବୃତ୍ତାକ୍ଷର ବ୍ୟଙ୍ଗାର୍ଥ ସଙ୍କେତ
ପ୍ରାନ୍ତରେ ଯୁଗ୍ମାର୍ଥ ବିନା ସରସ୍ୱତୀ ଖ୍ୟାତ ।

ଶ୍ରୀ ସୁଦର୍ଶନ ଦାସ

---

## ବିଜ୍ଞାପନ—

ପତ୍ରିକା ଗ୍ରାହକ ମାନଙ୍କୁ ଜଣାଉଅଛୁଁ ଯେ ଗ୍ରାହକ ହେବା ସମୟଠାରୁ ଅଥବା ଯେ ସମୟ ନିମିତ୍ତ ଅଗ୍ରୀମ ମୂଲ୍ୟ ଦିଆ ଯାଇଥାଏ ସେ ସମୟ ଶେଷଠାରୁ ତିନିମାସ ମଧ୍ୟରେ ଅଗ୍ରୀମ ମୂଲ୍ୟ ନଦେଲେ ତାହାଙ୍କଠାରୁ ବକେୟା ନିରଖରେ ମୂଲ୍ୟ ନିଆଯିବ ।

ଶ୍ରୀ ଗୌରୀଶଙ୍କର ରାଏ

---

ଏ ପତ୍ରିକା ସମ୍ପର୍କୀୟ ସମସ୍ତ ଚିଠିପତ୍ର ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାଏ ମେନେଜରଙ୍କ ନାମରେ ପଠାଇବାକୁ ହେବ ।

---

ଏହି ଉତ୍କଳ ଦୀପିକା ସହର କଟକ ଆଲମଚନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଯନ୍ତ୍ରାଗାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା


| | | |
|---|---|---|
| ଭା୧ଗ<br>୧୭ ସଂଖ୍ୟା | ତା ୨୪ରିଖ ମାହେ ନବେମ୍ବର<br>ସନ ୧୮୬୭ ମସିହା । ମୁ ।<br>ଛ୧୧ନ ମାର୍ଗଶିର ସନ<br>୧୨୭୪ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୲<br>ବର୍ଷାନ୍ତେ ମୂଲ୍ୟଦେଲେ ବର୍ଷକୁ ଟ ୬୲<br>ମଫସଲ ଗ୍ରାହକ ମାନଙ୍କୁ<br>ମୂଲ୍ୟ ଛଡା ଡାକମାସୁଲ<br>ବର୍ଷକୁ ଟ ୩। |


### ଓଡ଼ିଶାର ଚିରସ୍ଥାୟୀ ଓ ଅଚିରସ୍ଥାୟୀ ମାହାଲ—

ଶ୍ରୀଯୁକ୍ତ କେମ୍ପୀୟର ସାହେବଙ୍କୁ ଦୁର୍ଭିକ୍ଷ ସମ୍ପର୍କୀୟ ଯେ ସମସ୍ତ ବିଷୟ ଅନୁସନ୍ଧାନ କରିବା ନିମିତ୍ତ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି ତନ୍ମଧ୍ୟରେ ଏକ ବିଷୟ ଏହି ଯେ ସାହେବ ପ୍ରଶଂସିତ ଚିରସ୍ଥାୟୀ ଓ ସାମୟିକ ବନ୍ଦୋବସ୍ତି ମାହାଲମାନଙ୍କର ଅବସ୍ଥା ଦୃଷ୍ଟିରେ ଉଭୟପ୍ରକାର ବନ୍ଦୋବସ୍ତର ଫଳ ଜଣାଇବେ । ଏ ପ୍ରଶ୍ନଟି ଅତି ଗୁରୁତର ଅଟଇ ଓ ଏଥିର ଯଥାର୍ଥ ପ୍ରତ୍ୟୁତ୍ତର ଉପରେ ଆମ୍ଭମାନଙ୍କର ଚିରସ୍ଥାୟୀ ବନ୍ଦୋବସ୍ତର ଆଶା ସମ୍ପୂର୍ଣ୍ଣ ରୂପେ ନିର୍ଭର କରଇ । ମାତ୍ର ଆମ୍ଭମାନଙ୍କର ଆଶଙ୍କା ହେଉଅଛି ଯେ ଓଡ଼ିଶାର ଅବସ୍ଥାରୁ ଏଥିର ପକୃତ ଉତ୍ତର ପ୍ରାପ୍ତ ହେବା ଦୁରୂହ ଓ ସେଥିର କାରଣମାନ ନିମ୍ନେ ପ୍ରକାଶ ହେଉଅଛୁ ।

ଇଙ୍ଗରେଜ ମାନଙ୍କ ରାଜଶାସନାବଧି ଏ ଦେଶସ୍ଥ ଯାବତ୍ ଭୂମ୍ୟାଧିକାରୀ-ମାନେ ତିନ ଶ୍ରେଣୀରେ ବିଭକ୍ତ ହୋଇ ଅଛନ୍ତି । ଯଥା ଜମିଦାର ମୁଗଲବନ୍ଦୀ ରାଜା ଓ ଗଡ଼ଜାତ ରାଜା ଏଥି ମଧ୍ୟରେ ଜମିଦାରଙ୍କ ଅଧିକାରସ୍ଥ ସମସ୍ତ ଭୂମି ଅନେକ ଯତ୍ନ ଓ ବାହୁଲ୍ୟ ରୂପେ ଯଣବ ଓ କର ନିର୍ଣ୍ଣୟ ହୋଇ ୩୦ ବର୍ଷ ମିଆଦରେ ତାହାଙ୍କୁ ଅର୍ପଣ ହୋଇଥିଲା ବର୍ତ୍ତମାନ ସେ କାଳ ଶେଷହେଲା ଏଥର ସରକାର ଯେ ନିୟମରେ ଯେତେ କର ଧାର୍ଯ୍ୟ କରିବେ ତାହା ଦେବାକୁ ସ୍ୱୀକାର ନକଲେ ସେମାନଙ୍କର ଜମିଦାରୀ ଉପରେ କିଛିମାତ୍ର ଅଧିକାର ରହି ପାରିବ ନାହିଁ । ମୁଗଲ ବନ୍ଦୀ ରାଜାମାନେ ସର୍ବତୋଭାବେ ଜମିଦାରଙ୍କ ସଙ୍ଗେ ତୁଲ୍ୟ କେବଳ ପ୍ରଭେଦ ଏହି ଯେ ଏହାଙ୍କ ମାହାଲମାନ ବାହୁଲ୍ୟ ଜରିବ କି କରଧାର୍ଯ୍ୟ ହୋଇନାହିଁ ଏବଂ ଯେତେ

Digitized by srujanika@gmail.com

Split by PDF Splitter



ଟଙ୍କା ପେସକସ ସ୍ୱରୂପ ତାଙ୍କଠାରୁ ନସ୍ୟାଙ୍କବାର କବୁଲିୟତ ହୋଇଅଛି ତାହା ଚିରକାଳ ସକାଶେ ନିଷ୍ପନ୍ନ ହୋଇଅଛି । ଏଥିର ସମାବୃଦ୍ଧି କେବେହେଁ ହେବ ନାହିଁ । ଗଡ଼ଜାତର ରାଜାମାନେ ଉପରୁକ୍ତ ଦୁଇପ୍ରକାର ଭୂମ୍ୟାଧିକାରୀଙ୍କଠାରୁ ପୃଥକ ଅଟନ୍ତି । ଏମାନେ ଚଳିତ ଆଇନର ବଶବର୍ତ୍ତୀ ନୁହନ୍ତି ଓ ଇଂରେଜ ଆଧିପତ୍ୟ ସ୍ୱୀକାରର ଚିହ୍ନ ସ୍ୱରୂପ ସନ୍ଧିକୃତ ପେସକସ୍ ଦେଇ ଆପଣା ଆପଣା ରାଜ୍ୟରେ ସମସ୍ତ ଅଧିକାର ଚଳାଇ ପାରନ୍ତି ଅତଏବ ଏ ଦେଶରେ ଦୁଇପ୍ରକାର ଚିରସ୍ଥାୟୀ ବନ୍ଦୋବସ୍ତ ଓ ଏକପ୍ରକାର ଅଚିରସ୍ଥାୟୀ ବନ୍ଦୋବସ୍ତ ଭୂମି ଅଛି ଏଥି ମଧ୍ୟରେ ଗଡ଼ଜାତର ଅବସ୍ଥା ସର୍ବପ୍ରକାରେ ଭିନ୍ନ ଥିବାରୁ ତାହା ଛାଡ଼ିଦେଇ ମୁଗଲବନ୍ଦୀ ରାଜା ଓ ଜମିଦାରଙ୍କ ଅବସ୍ଥା ବିବେଚନା କଲେ ଗବର୍ଣ୍ଣମେଣ୍ଟଙ୍କ ଉପରୁକ୍ତ ଅଭିପ୍ରାୟ ସିଦ୍ଧ ହୁଅନ୍ତା । ମାତ୍ର ଖେଦର ବିଷୟ ଯେ ଏ ଉପାୟ ଅବଲମ୍ବନ କଲେ ବିପରୀତ ଭାବର ପରିଚୟ ପ୍ରାପ୍ତ ହେବ । ବଙ୍ଗ ଦେଶର ବର୍ତ୍ତମାନ ଶ୍ରୀବୃଦ୍ଧିର କାରଣ ଆଲୋଚନା କଲେ ଚିରସ୍ଥାୟୀ ବନ୍ଦୋବସ୍ତ ସର୍ବାଗ୍ରେ ପ୍ରତିପନ୍ନମାନ ହୁଅଇ ଓ ବଙ୍ଗ ଦେଶର ଲୋକମାନେ ତାହା ମୁକ୍ତ କଣ୍ଠରେ ସ୍ୱୀକାର କରୁଅଛନ୍ତି ମାତ୍ର ଏଠାକାର ମୁଗଲବନ୍ଦୀ ରାଜାମାନେ ସେହି ପ୍ରକାର ଚିରସ୍ଥାୟୀ ବନ୍ଦୋବସ୍ତ ଲାଭ କରିଥିବା ପ୍ରତ୍ୟକ୍ଷେ ଅଦ୍ୟାପି କେହି ଆପଣା ଅବସ୍ଥା ଉନ୍ନତ କରିନାହାନ୍ତି ବରଂ ନାନା ଅପବ୍ୟୟ ଦ୍ୱାରା କେତେକ ପୁରାତନ ବଂଶ ଅଧୋଗତିକୁ ପ୍ରାପ୍ତ ହୋଇ ଅନ୍ୟ ଲୋକଙ୍କ ହସ୍ତରେ ଆପଣା ସମ୍ପତ୍ତି ସମର୍ପଣ କରି ଅଛନ୍ତି ଓ ଅନ୍ୟ କେତେକ ସମ୍ପତ୍ତି କେବଳ ମହାଜନଙ୍କ କରୁଣା ବଳରୁ ଅବଧି ପୂର୍ବାଧିକାରୀଙ୍କ ହସ୍ତରେ ରହିଅଛି ଓ କେତେବେଳେ ଅନ୍ୟ ହସ୍ତରେ ପତିତ ହେବ ତାହା କେହି କହି ନପାରନ୍ତି ।

ଜମିଦାରଙ୍କ ଅବସ୍ଥା ଏତାଦୃଶ ମନ୍ଦ ହୋଇନାହିଁ ସେମାନଙ୍କ ମଧ୍ୟରେ ଅନେକ ଲୋକ ଅପବ୍ୟୟ ଦ୍ୱାରା ସମ୍ପତ୍ତିହୀନ ହୋଇଅଛନ୍ତି ସତ୍ୟ । ମାତ୍ର ଅଧିକାଂଶ ଲୋକ ମାଲଗୁଜାରି ଦେଇ ବିବେଚନା ପୂର୍ବକ କାର୍ଯ୍ୟ କରିବାରୁ ବହୁକାଳରୁ ଆପଣା ସମ୍ପତ୍ତି ରକ୍ଷା କରିଅଛନ୍ତି । ଏରୂପ ଅବସ୍ଥା ଦୃଷ୍ଟିରେ ହଠାତ୍ କୌଣସି ଲୋକର ଭ୍ରମ ହୋଇପାରେ ଯେ ଚିରସ୍ଥାୟୀ ବନ୍ଦୋବସ୍ତ ସାମୟିକ ବନ୍ଦୋବସ୍ତାପେକ୍ଷା ନିକୃଷ୍ଟ । ବସ୍ତୁତ ତାହା ନୁହଇ ମୁଗଲବନ୍ଦୀ ରାଜାମାନେ ପୂର୍ବକାଳରୁ ଆପଣା ମର୍ଯ୍ୟାଦା ଓ ଧନର ଅଭିମାନରେ ରହି ବିଦ୍ୟା କି ଜ୍ଞାନଲାଭର ଚେଷ୍ଟାରୁ ବଞ୍ଚିତ ରହିଲେ ସୁତରାଂ ରାଜ୍ୟ ପାଳଣରେ ସ୍ୱୟଂ ଅକ୍ଷମ ହେବାରୁ ଆପଣା ଅଧିନସ୍ଥ କର୍ମଚାରୀମାନଙ୍କ ବଶବର୍ତ୍ତୀ ହେଲେ ଓ ସେମାନେ ସୁଯୋଗ ପାଇ ନାନାପ୍ରକାର ତୋଷାମଦ ବାକ୍ୟ ଓ ଛଳଦ୍ୱାରା ରାଜାମାନଙ୍କୁ ବିଷୟ କର୍ମର ଚିନ୍ତାରୁ ବିମୁଖ କରାଇବା ଆଶାରେ ତାହାଙ୍କୁ ନିଷ୍ଫଳ ଅବା ଦୂଷଣୀୟ ବ୍ୟାପାରରେ ଏପରି ଲିପ୍ତ କଲେ ଯେ ଆପଣା ଅବସ୍ଥା ଚିନ୍ତା କରିବା ପାଇଁ ସେମାନଙ୍କୁ ଆଉ ଅବକାଶ

Digitized by srujanika@gmail.com

Split by PDF Splitter



ରହୁଅନ୍ତିନାହିଁ । ଏମାନେ ଏକପ୍ରକାର ଶିଶୁ ବଦାଚରଣ ପ୍ରକାଶ ପୂର୍ବକ ଯେତେବେଳେ ଯାହା ଦେଖିଲେ ତାହା କ୍ରୟ କରିବାକୁ ଅଭିଳାଷୀ ହେଲେ ଓ ତାହା କ୍ରୟ କରି ନଦେଲେ ପଛେ ରାଜ୍ୟଭ୍ରଷ୍ଟ ହୋଇ ଆପଣା ଆୟ ଲୁଟିବାକୁ ଚାହିଁବେ ଏ ଯେଉଁ କର୍ମଚାରୀମାନେ ସେହି ପଦାର୍ଥ ତାହାଙ୍କୁ ଦେଲେ ଓ ହାତରେ ଟଙ୍କା ନଥିବା ବେଳେ କାର୍ଯ୍ୟ କରି ମଧ୍ୟ ଅପବ୍ୟୟମାନ ଚଳାଇଲେ । ଏହି ରୂପ ନାନାପ୍ରକାର ଅପବ୍ୟୟ ବର୍ଦ୍ଧନ ଓ ଆୟ ଅପହରଣ ହେବାରୁ ଅନେକ ମୁଗଲବନ୍ଦୀ ରାଜାମାନେ ଚିରସ୍ଥାୟୀ ବନ୍ଦୋବସ୍ତର ଫଳ ଲାଭ କରିପାରୁ ନାହାନ୍ତି । ନଚେତ ସେମାନଙ୍କର ଯେ ରୂପ ସମ୍ପତ୍ତି ଅଛି ଯଦ୍ୟପି କିଞ୍ଚିତ ମାତ୍ର ପରିଶ୍ରମ ସହକାରେ ଆପଣା ବିଷୟ ବୁଝନ୍ତେ ତାହାହେଲେ ସେମାନଙ୍କର ଏତାଦୃଶ ଦୁରବସ୍ଥା ହୁଅନ୍ତା ନାହିଁ । ମୁଗଲବନ୍ଦୀ ସମସ୍ତ ରାଜାଙ୍କର ଏ ରୂପ ଅବସ୍ଥା ନୁହଇ । ମାତ୍ର ଅଧିକାଂଶ ଲୋକଙ୍କର ଏହିପ୍ରକାର ଗତି ଏମାନଙ୍କ ମଧ୍ୟରେ ବର୍ତ୍ତମାନରେ ଏକ ଏକ ଜଣ ଏପରି ସୁଚତୁର ଓ ବିବେଚନା କର୍ମ କରୁଅଛନ୍ତି ଯେ ସେମାନେ ବିଷୟ ରକ୍ଷାଦ୍ୱାରା କେବଳ ଆନନ୍ଦରେ ଦିନ ଯାପନ କରୁଅଛନ୍ତି ଏମନ୍ତ ନୁହେଁ ଭବିଷ୍ୟତ ସକାଶେ ମଧ୍ୟ କିଞ୍ଚିତ କିଞ୍ଚିତ ଅର୍ଥ ସଞ୍ଚୟ କରିବାର ଶ୍ରବଣ ହୁଅଇ ସାମୟିକ ବନ୍ଦୋବସ୍ତ କଦାଚ ମଙ୍ଗଳକର ନୁହେ ଓ ଏହା ଆମ୍ଭେମାନେ ପୁନଃପୁନ ବର୍ଣ୍ଣନା କରିଅଛୁ । ତେବେ ଜମିଦାରମାନେ ମୁଗଲବନ୍ଦୀ ରାଜାଙ୍କଠାରୁ କିଛି ଭଲ ଅଛନ୍ତି । ଏଥିର କାରଣ ଏହି ଯେ ଅନେକ ଜମିଦାର ବିଦ୍ୟାଭ୍ୟାସ କରି ସରକାରୀ କର୍ମ କରୁଅଛନ୍ତି ଓ ସଚରାଚର ଦେଶୀୟ ଓ ବିଦେଶୀୟ ଜ୍ଞାନବାନ ଓ ବହୁଦର୍ଶୀ ଲୋକଙ୍କ ସହବାସ ଦ୍ୱାରା ସୁଚତୁର ଓ ସାବଧାନ ହେବାକୁ ଶିକ୍ଷା ପାଉଅଛନ୍ତି ଏସମସ୍ତ ଛାଡ଼ି ସେମାନଙ୍କର ଅର୍ଥୋପାର୍ଜନ ଆଶା ବଢ଼ିବାରୁ ନାନା ସଦୁପାୟ ଚନ୍ତା କରୁଅଛନ୍ତି । ମାତ୍ର ମୁଗଲବନ୍ଦୀ ରାଜାମାନେ ଅଗମ୍ୟସ୍ଥାନ ମାନଙ୍କରେ ଏକାକି ରହିବାରୁ କାହାରିଠାରୁ ସଦୁପଦେଶ ପ୍ରାପ୍ତ ହୁଅନ୍ତିନାହିଁ । କିମ୍ବା ଆପଣା ମନରୁ କୌଣସି ଚେଷ୍ଟା କରନ୍ତି ନାହିଁ । ସୁତରାଂ ସେମାନଙ୍କର ଦଶା ଭଲ ହେବାର ଅତି କଠିଣ ।

ଆମ୍ଭେମାନେ ଏରୂପେ ରାଜା ଓ ଜମିଦାରଙ୍କର ଉତ୍ତମାଧମ ବିଚାର କଲୁଁ ବୋଲି କେହି ଯେମନ୍ତ ମନେ କରିବେ ନାହିଁ ଯେ କାହାର ନିନ୍ଦା କି ସ୍ତୁତି କରିବା ଆମ୍ଭମାନଙ୍କର ଅଭିପ୍ରାୟ ଥିଲା । କେବଳ ଦୁଇ ପ୍ରକାର ବନ୍ଦୋବସ୍ତର ନ୍ୟୂନାଧିକ ବିଚାର ସକାଶେ ଏ ସମସ୍ତ ଲେଖିବାକୁ ବାଧ୍ୟ ହେଲୁ । ଆମ୍ଭମାନଙ୍କର ବାସନା ଯେ ମୁଗଲବନ୍ଦୀ ରାଜାମାନେ ରାଜ୍ୟ ପାଳଣ ଗୁଣରେ ନିପୁଣତା ଲାଭ କରି ଆପଣା ଆପଣା ବହୁ କାଳର ପୈତୃକ ସମ୍ପତ୍ତି ରକ୍ଷା କରନ୍ତୁ ଓ କ୍ରମେ କ୍ରମେ ଅଧିକ ଧନବାନ ହୋଇ ଯଶ କିର୍ତ୍ତିରେ ପୃଥିବୀକୁ ପୂର୍ଣ୍ଣ କରନ୍ତୁ । ସେମାନଙ୍କ ପରି ମର୍ଯ୍ୟାଦାବନ୍ତ ବ୍ୟକ୍ତିମାନେ ଯଦ୍ୟପି ଆପଣା କର୍ମକୁ ଭୋଜପୁରୀ ମହାଜନଙ୍କ କରତଳେ ସ୍ଥାପନ କରନ୍ତି ତାହା କି

Digitized by srujanika@gmail.com

Split by PDF Splitter



ଆମ୍ଭମାନଙ୍କର ଅପମାନର ବିଷୟ ନୁହଇ । କୌଣସି ଦେଶରେ ସମସ୍ତ ଲୋକ ବଡ଼ ମନୁଷ୍ୟ ହୁଅନ୍ତି ନାହିଁ ମାତ୍ର ଯେଉଁ ଦେଶରେ ଯେତେ ଅଧିକ ସଂଖ୍ୟକ ବଡ଼ଲୋକ ଥାନ୍ତି ସେ ଦେଶର ଗୌରବ ତେତେ ପରିମାଣରେ ବଢ଼ଇ ।

## ସ୍କୁଲର ଶିକ୍ଷା ପ୍ରଣାଳୀ—

ଆମ୍ଭେମାନେ ମଧ୍ୟ ମଧ୍ୟରେ ଶିକ୍ଷା ସଂକ୍ରାନ୍ତ ବିଷୟମାନ ଲେଖିବା ଯୋଗୁଁ ପାଠକମାନେ ଅସନ୍ତୋଷ ହେବେନାହିଁ । ଓଡ଼ିଶାର ତିନିଗୋଟି ଗବର୍ଣ୍ଣମେଣ୍ଟ ଇଙ୍ଗରେଜୀ ସ୍କୁଲ ଅଛି ବରଷକୁ ବରଷ ବର୍ତ୍ତମାନ ହୋଇ ୨୫ ଜଣ ଅନ୍ଦାଜ ବାଳକ ଏଡ଼କ ସ୍କୁଲରୁ ବାହାରୁ ଅଛନ୍ତି । ଏମାନଙ୍କ ଉପରେ ଦେଶର ମଙ୍ଗଳାମଙ୍ଗଳ ଅବସ୍ଥା ନିର୍ଭର କରେ । ଏମାନେ ସୁଶିକ୍ଷିତ ଓ ସଦାଚରଣ ଯୁକ୍ତ ହେଲେ ଦେଶର ମଙ୍ଗଳ ଓ ତାହା ନହେଲ ଦେଶର ଅସୀମ ଦୁରବସ୍ଥାର ସମ୍ଭାବନା ଅତଏବ ଅଜ ଦେଶର ଯୁବକମାନେ କି ରୂପ ଶିକ୍ଷାପ୍ରାପ୍ତ ହେଉଅଛନ୍ତି ଓ ସ୍କୁଲମାନଙ୍କରେ ପ୍ରଚଳିତ ଥିବା ଶିକ୍ଷା ପ୍ରଣାଳୀ ଯୁକ୍ତିସିଦ୍ଧ କି ନା ଆମ୍ଭମାନଙ୍କର ଅନୁସନ୍ଧାନ କରି ଦେଖିବା ଉଚିତ । ଏହି ଜ୍ଞାନରେ ବର୍ତ୍ତମାନ ଆମ୍ଭେ କଟକ ସ୍କୁଲରେ ପ୍ରଚଳିତ ଥିବା ଶିକ୍ଷା ପ୍ରଣାଳୀର ଦୋଷଗୁଣ ବିବେଚନାରେ ପ୍ରବୃତ୍ତ ହେଲୁଁ । ୧୮୭୭ ସାଲ ପ୍ରାୟ ଶେଷ ହୋଇଆସିଲା । ଏବର୍ଷ ସକାଶେ ନିର୍ଦ୍ଧାରିତ ଥିବା ପାଠ ଶେଷକରି ବାର୍ଷିକ ପରୀକ୍ଷା ଦେବା ପରିରୁ ନୂତନ ବର୍ଷାରମ୍ଭରେ ବାଳକମାନେ ନୂତନ ପାଠାରମ୍ଭ କରିବେ । ଆବଶ୍ୟକ ମତେ ନୂତନ ପୁସ୍ତକ ଓ ନୂତନ ପ୍ରଣାଳୀ ସ୍କୁଲରେ ପ୍ରଚଳିତ କରାଯିବ । କଥାରେ କହନ୍ତି ଚଷା ହୁଡ଼ିଲେ ବର୍ଷେ । ସେହିପରି ସ୍କୁଲ କର୍ମ୍ମଚାରୀମାନେ ଯଦି ଏ ସମୟରେ କିଛି ଭୁଲ କରନ୍ତି ତେବେ ସେମାନେ ସ୍କୁଲ ସହିତ ଆପଣା ଭ୍ରମଚକ୍ରରେ ଆଗତ ବର୍ଷ ସମୁଦାୟ ଭ୍ରମଣ କରିବେ । ଅତଏବ ପ୍ରଚଳିତ ଥିବା ପୁସ୍ତକ ଇତ୍ୟାଦିର ଦୋଷଗୁଣ ବିବେଚନାର ଏହି ଯଥାର୍ଥ ସମୟ ଆମ୍ଭେ ଭରସା କରୁଁ ଯେ ଏ ବିଷୟରେ ତଳେ ଯାହା ଲେଖୁଅଛୁ କଟକ ସ୍କୁଲର କର୍ମ୍ମଚାରୀମାନେ ଓ କମେଟୀର ମେମ୍ବରମାନେ ମନୋଯୋଗ କରି ପାଠ କରିବେ ।

କଟକ ସ୍କୁଲରେ ବାଳକମାନେ ପ୍ରବେଶିକା ପରୀକ୍ଷା ସକାଶେ ନିର୍ଦ୍ଧାରିତ କାବ୍ୟ ଏକଖଣ୍ଡି ଇଙ୍ଗରେଜୀ ସାହିତ୍ୟ ପୁସ୍ତକ ଦୁଇବର୍ଷ ପାଠ କରନ୍ତି । ଆମ୍ଭମାନଙ୍କ ବିବେଚନାରେ ଏହା ଯୁକ୍ତି ସିଦ୍ଧ ନୁହେଁ । ଏକବର୍ଷ ଯାହା ପାଠ କରାଯାଏ ତାହା ପାଠ କରିବାରେ ଅନ୍ୟ ଏକବର୍ଷ କ୍ଷେପଣକରି କେବଳ ସମୟ ନଷ୍ଟ କରିବ ଠାରୁ ଗର୍ହିତ । ଦ୍ୱିତୀୟ ବର୍ଷ ସେହି ପୁସ୍ତକ ପାଠ ସମୟରେ ମନୋବୃତ୍ତିମାନଙ୍କ ଚାଳଣା ହୁଏନାହିଁ ।

Digitized by srujanika@gmail.com

Split by PDF Splitter



ପ୍ରଥମ ବର୍ଷର ବାଳକମାନେ ଯାହା ଶିକ୍ଷା କରିଥାନ୍ତି ଦ୍ୱିତୀୟ ବର୍ଷ ଶିକ୍ଷକଙ୍କ ନିକଟ ପାଠ ଦେବା ସମୟରେ ତାହା ଶୁଣିପାରି ପର ଭୁଲନ୍ତି ଓ ଶିକ୍ଷକ କହୁ କହୁଲେ ସେହିପରି ଶିକ୍ଷା କରନ୍ତି । ମନୋବୃତ୍ତିମାନଙ୍କ ସୁଳଣା ସୁଶିକ୍ଷାର ଅଭ ହୁଏନାହିଁ । ତାହା ନଦେବାର କାରଣ ଶିକ୍ଷାଦାନ ସ୍ଥଳ ଓ ମଧ୍ୟ ଅନେକ ପୁସ୍ତକ ବୃହାପାଇନାରେ । ଉକ୍ତ ପୁସ୍ତକକୁ ଦୁଇ ବର୍ଷରେ ଭଗ୍ନ କରି ପଠନରେ ମଧ୍ୟ କରୁ ଉପକାର ନାହିଁ । ଦୁଇ ବର୍ଷରେ ୧୪୦ ପୃଷ୍ଠାର ଏକଖଣ୍ଡ ପୁସ୍ତକ ପଢିବେ ପ୍ରତିବର୍ଷ ୭୦ ଓ ପରି ମାସରେ ୭ ପୃଷ୍ଠା ହେଉଅଛି ଓ ଉତ୍ତବାର ଛୁଟି ଉଦ୍ୟାପ ସମସ୍ତ ସୁନିମାସ ଗୁଡ଼ଦେଲେ ପ୍ରତି ମାସରେ ୯ ପୃଷ୍ଠା ଅର୍ଥାତ୍ ୪୨ ପଙ୍କ୍ତିର ଓ ପ୍ରତି ଦିବସ ଏକ ପୃଷ୍ଠାର ଏକ ଖଣ୍ଡର ଦଶାଂଶ ପଡୁଅଛି । ଏପରି ଶିକ୍ଷା ତଳେ କ ଉପକାର ହେବ ଦ୍ୱିତୀୟ ଶ୍ରେଣୀରେ ଅନ୍ୟ କୌଣସି ପୁସ୍ତକ ପାଠ କରିବା ଦ୍ୱାରା ଲାଭରେ ପ୍ରାରେ ବୁଦ୍ଧି ହେଲେ ପ୍ରଥମ ଶ୍ରେଣୀରେ ଏକ ବର୍ଷରେ ପ୍ରବେଶିକା ପରୀକ୍ଷାର ଯାହେତୁ ପୁସ୍ତକ ଅଭ୍ୟାସରେ ବାଳକମାନେ ପାଠକର ପାରନ୍ତି ଓ ଦ୍ୱିତୀୟର ଏକଖଣ୍ଡ ପୁସ୍ତକ ପାଠକଲେ ଯେପରି ଉନ୍ନତି କରନ୍ତି ତାହା କହିବାର ବାଳକମାନେ ପ୍ରଫୁଲ୍ଲ ଚିତ୍ତେ ପାଠ କରିବେ । ଗତବର୍ଷରେ ୧୦ଜଣ ପ୍ରବେଶିକା ପରୀକ୍ଷା ଦେଇଥିଲେ ତହିଁ ମଧ୍ୟରୁ ୫ ଜଣ କେବଳ ୫ ଦିନରେ ଅଧିକା ହେବୁ ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଅସମର୍ଥ ହେଲେ । ଏହା କେବଳ ପ୍ରବେଶିକା ପୁସ୍ତକ ଉଚ୍ଚ ଶ୍ରେଣୀରେ ଯାହା ପଢିବାର ଥିବ ଅଭ୍ୟାସ ଦ୍ୱାରା ହୁଏ ତଦ୍ଭିନ୍ନ ଅନ୍ୟାନ୍ୟ ବିଷୟମାନଙ୍କରେ ଅଧିକ ଯାହା ହେବା ଅଛି ତହିଁ ଉତ୍ତମ ମତେ ପ୍ରକାଶ କରନ୍ତୁ ।

---

## ସାପ୍ତାହିକ ସମ୍ବାଦ

[illegible] ନିର୍ଦ୍ଦିଷ୍ଟ ହେବ

[illegible] ।

ତାହାଙ୍କ ଅବେଦନରେ ସ୍ପେଟ ସେକ୍ରେଟରେ ସନ୍ତୁଷ୍ଟ ହେଲେ ନିକଟ [illegible] ଅବଶ୍ୟ ହେ ଯାଇଛି ହେବର ଏବଂ ସନ୍ତୋଷ ରହିଥିବ [illegible] ୫୦ ବର୍ଷ ପ୍ରଭାତେ ସିଦ୍ଧାନ୍ତ କରାଯାଇ ହେବ । ମାଛ ଉପିଥାର ସାହେବଙ୍କ ଇଚ୍ଛା ଅଛି ଯେ ଏ ସମୟରେ ସେମାନଙ୍କର ଉନ୍ନତି ହେଲେ ଅବସ୍ଥାନ୍ତ୍ରୀ ସନ୍ତୋଷ ହେବା ପ୍ରଭାତେ ପ୍ରାର୍ଥନା କରି ପାରିବେ । ସେକ୍ରେଟେରି ଉଚ୍ଚକ୍ତ ଉପିଥାରମାନଙ୍କ ସାହାଯ୍ୟ କରିବା ୫୦ ଟଙ୍କା ଦେବାର ମତ ଦେଇ ଅଛନ୍ତି । ଏ ହେତୁ ଉକ୍ତମତ ଉପର୍ତ୍ତୀର ସେକ୍ରେଟେରିଙ୍କ ଅନୁମୋଦିତ ଅଛି ।

Digitized by srujanika@gmail.com

Split by PDF Splitter



ଷ୍ଟେଟ୍ସ ଯବ ଇଣ୍ଡିଆରୁ ଅବଗତ ହେଲୁଁ ଯେ ବଙ୍ଗଳା ଗଭର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ଯେ ପ୍ରତ୍ୟେକଟିର ସ୍କୁଲ ଦ୍ୱାରା ବସ୍ତ୍ର ଦାନ ବ୍ୟବହାର ହେବାର ନମ୍ବର ସ୍ୱାମୀ ଭାରତ ଦେଶ ଅନୁସାର ସେଥିର ସମ୍ପୂର୍ଣ୍ଣ ମୂଲ୍ୟ ଦେଉଥିବ ଦେଶୀ ବସ୍ତ୍ର ଯାଉ ପାରେ ।

ବେଣ୍ଟିକ ଓ ତ୍ରିବେଣ୍ଡ୍ରମ ଜାମତ ପଣ୍ଡିତ ଜଣାଯାଏ ଯେ ହାଇକୋର୍ଟ ଅଧିକୃତ ଜଜ ବୃତ୍ତକ ଦେଶୀୟ ଅସେମ୍ବଲି ଜନ୍ମୀତ ସମସ୍ତରେ ଅଧିକାରରେ ସ୍ୱାଧୀନ ହେବା ଦୋଷରେ ସେମାନେ ସ୍ୱାଧୀନ ଅଧିକାର ପୂର୍ବରୁ ସ୍ଥାପିତ ଥିବା ସ୍ୱଦେଶ ତାହାଙ୍କ ଉପରେ ଚଳମାନ ଥିଲେ । ଅସେମ୍ବଲି ପୂର୍ବେ ହାଇ କୋର୍ଟରେ ଅଧିକ ଜଜମାନେ ସେଠା ହୁକୁମ ଅନୁସାରେ କାମର ଭଜ ସ୍ୱ ଦେବ ଜରିମାନା ମାଫ କଲେ । ସମ୍ପ୍ରତି ହେଉଥା ଲୋକ ଯେ ଅଧିକୃତ ଜଜ ଅନ୍ୟାୟ ହୁକୁମ ହେତୁ ଗଭର୍ଣ୍ଣମେଣ୍ଟ ତାହାଙ୍କ ଉପରେ କରୁ ଧ୍ୟାନ କରୁଛନ୍ତି ନାହିଁ ।

ହୈଦ୍ରାବାଦ ଲେଜିସ୍‌ଲେଟିଭ ଅଧିକ ସଭା ଯେ ଦେଶୀୟ ଲୋକମାନଙ୍କ ମଧ୍ୟରେ ଲୋକମାନେ ପ୍ରାୟ ସେବକ ଅଧିକ ବାଳକେବା ପୂର୍ବରୁ ଜାତିର ଅଧିକ ସେମାନେ ପ୍ରବନ୍ଧ ଅଧିକ ଅନୁସାରେ ୧୬ ବରଷ ବର୍ଷ ଭଳ କନ୍ୟାକୁ ବରମାନଙ୍କ ଦ୍ୱାରା ଓ ୧୨ ବରଷ କନ୍ୟାକୁ ବଧ ପାଇପାରିବେ ।

ହିନ୍ଦୁସ୍ଥାନର ବର୍ତ୍ତମାନ ସଭା ଅଧିକ ପିତାଙ୍କ ଗୁଜରାଟ ପଣ୍ଡିତମାନଙ୍କୁ ସ୍ୱଦେଶର ଅଧିକ ଲୋକଙ୍କୁ ଅବଧାନ ଅନୁଭବ ହୋଇ ଅଛନ୍ତି ।

ହୋମ ସଭାର ଦେଶରେ ଯେ ଗ୍ରାମର ଲୋକଙ୍କ ଲକ୍ଷ କୌଣସି ଜନ୍ମଦ୍ୱାର ହୁଏତ ହେଉଅଛି ଆଉ ଏ ଭାଷାରେ ଶାସ୍ତ୍ରମାନଙ୍କ ଲୋକର ଜନ୍ମ ତାହାଙ୍କ ଦେଶ[illegible] ଦୋଷର ୧୬ ଲକ୍ଷ ଥର ଖର୍ଚ୍ଚ ଅଛି । ଦୁଇ ଓ ଅଧିକାରର ଜନ୍ମ ପଠାଇ ତା[illegible] ଅନୁସାର ଓ ଧନ ଓ ଜନ୍ମଦେବରେ ଲୋକ ଯେତେ ଲୋକ ଏହା ଦେଶ ଏ ଦେଶେ ଗ୍ରାମରେ ଦେଶକର ଏ ଅଧିକରେ ଜନ୍ମ ହେଉଅଛି ।

ପୂର୍ବସ୍ଥାନର ସଭା ଗଭର୍ଣ୍ଣମେଣ୍ଟ ତାହାରେ ଅଧିକାର ଭଳ ଲୋକ ଯେ ଲୋକଙ୍କ ଅଧିକଙ୍କୁ ଅଧିକ ଦଣ୍ଡ ଦେଉଥିଲେ ଲୋକର ବଧ କରେ ନାହିଁ । ଏହାର ଲୋକ ଜାତିର ଅଧିକ ଏଥିରେ ଅଛି ।

ଏହାରେ କାର୍ଯ୍ୟର ଅଧିକ ଅଧିକାର ଲୋକ ହୋଇଅଛି । ଏହାର [illegible] ଲୋକ ଅଧିକ ହୋଇଅଛି ।

Digitized by srujanika@gmail.com

Split by PDF Splitter



କଟକରେ ଗତ ସପ୍ତାହରେ ଯେ ପ୍ରକାର ଚାଉଳ ଶସ୍ତା ହେବାର ଲେଖିଥିଲୁଁ ତାହା କେବଳ ସମ୍ବଲପୁରରୁ ଅଧିକ ଆମଦାନୀ ହେବାରୁ ହୋଇ ଥିଲା । ଏ ସପ୍ତାହରେ ଚାଉଳ ଦର ପୁନର୍ବାର ବୃଦ୍ଧି ହେବାକୁ ଆରମ୍ଭ ହୋଇଅଛି । ବଜାରରେ ଟଙ୍କାକୁ ୧୪ ସେରରୁ ପ୍ରାୟ ବେଶୀ ମିଳୁ ନାହିଁ ।

କେହି କେହି ଏଥିର ଏହି କାରଣ ଦେଉଅଛନ୍ତି ଯେ ଦଣ୍ଡିଦାରମାନେ ଭାଉ ବଢ଼ାଇବା ମାନସରେ ମହାଜନ ପଠାଇ ସମ୍ବଲପୁରୀ ଚାଉଳର ଡଙ୍ଗାମାନ ନଈଉପରେ ବନ୍ଧ କରି ରଖି ଏକ ଏକ ଖଣ୍ଡ କଟକକୁ ଅଣାଉ ଅଛନ୍ତି ଏକଥା ଯେବେ ସତ୍ୟ ହୁଅଇ ତେବେ ପ୍ରଜାକୁଳର ଆଉ ରକ୍ଷାର ଉପାୟ ନାହିଁ ଦଣ୍ଡିଦାରମାନେ ଏତାଦୃଶ ଅଧିକାର ଚଳାଇ ପାରନ୍ତି ଏହା ବିଶ୍ୱାସ ଯୋଗ୍ୟ ନ ହେଲେ ମଧ୍ୟ ସ୍ଥାନୀୟ କର୍ମ୍ମଚାରୀଙ୍କ ଉଚିତ ଯେ ଏ ବିଷୟର ଅନୁସନ୍ଧାନ କରନ୍ତୁ ଓ କେବଳ ପ୍ରତ୍ୟହ ଚାଉଳର ଭାଉ ଯାହା ଗବର୍ଣ୍ଣମେଣ୍ଟଙ୍କୁ ଜଣାଉ ଅଛନ୍ତି ତହି ସଙ୍ଗେ ମଧ୍ୟ ହଠାତ୍ ଭାଉ ପରିବର୍ତ୍ତନର କାରଣ ଲେଖି ପଠାନ୍ତୁ ତାହାହେଲେ ସେଥିର ଉତ୍ତମ ବିଧାନ ସରକାର କରି ପାରିବେ ।

ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ଡାମ୍ପିୟର ସାହେବ ଦୁର୍ଭିକ୍ଷ ସମ୍ପର୍କୀୟ କଥାମାନ ଅନୁସନ୍ଧାନ ନିମନ୍ତେ ଆଗତ ଜନଓରି ମାସ ପ୍ରଥମ ସପ୍ତାହରେ କଟକରେ ପ୍ରବେଶ ହେବେ ।

ଶ୍ରୀଯୁକ୍ତ ରେଭେନସା ସାହେବ କମିସ୍ନର ଦୁର୍ଭିକ୍ଷର ବିଷୟରେ ଯେଉଁ ଯେଉଁ କଥାମାନ ଜମିଦାରଙ୍କଠାରୁ ପ୍ରାପ୍ତ ହେବାର ଆବଶ୍ୟକ ସେଥିର ଏକ ଫର୍ଦ୍ଦ ପ୍ରସ୍ତୁତ କରି ପରୱାନା ସହିତ ସମସ୍ତ ଜମିଦାରଙ୍କ ନିକଟକୁ ଏହି ଆଶାରେ ପଠାଉ ଅଛନ୍ତି ଯେ ସେମାନେ ଆପଣା ଜମିଦାରୀ ଅନ୍ତର୍ଗତ ରଇତଙ୍କ ଅବସ୍ଥା ଓ ଫସଲର ଉତ୍ପନ୍ନର ପରିମାଣ ଯଥାର୍ଥ ରୂପେ ଲେଖି ପଠାଇବେ । ଆମ୍ଭେମାନେ ଭରସା କରୁ ଅଛୁ ଯେ ଜମିଦାରମାନେ ଏଥିରେ ପ୍ରାଣପଣରେ ଯତ୍ନକରିବାକୁ ତ୍ରୁଟି କରିବେ ନାହିଁ ।

ଅବଗତ ହେଲୁଁ ଯେ ବର୍ତ୍ତମାନ ଗବର୍ଣ୍ଣର ଜେନରଲ ସାହେବ ଆଗ୍ରାରେ ଯେଉଁ ଦରବାର କରୁଅଛନ୍ତି ତହିଁର କର୍ମ୍ମ ଅତି ସମାରୋହରେ ନିର୍ବାହ ହେବାର ଦେଖାଯାଏ । ଭାରତ ବର୍ଷର ନାନାସ୍ଥାନର ରାଜାଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଆଗ୍ରାରେ ପ୍ରବେଶ ହେବାରୁ ନଗର ଜନପୂର୍ଣ୍ଣ ହୋଇ ଅଛି ଓ ଅସଂଖ୍ୟ ହସ୍ତୀ ଘୋଟକ ଓ ପଦାତିକ ସୈନ୍ୟ ସେଠାରେ ଏକତ୍ରହୋଇ ଅଛନ୍ତି ବଜାରରେ ସର୍ବପ୍ରକାର ସାମଗ୍ରୀର ମୂଲ୍ୟ ବଢ଼ୁ ଅଛି ଓ କଲିକତାର ଅନେକ ବିଦେଶୀ ବାଣିଜ୍ୟକାରୀମାନେ ବହୁମୂଲ୍ୟ ପଦାର୍ଥମାନ ସେଠାରେ ବିକ୍ରି ଆଶାରେ ନୂତନ

Digitized by srujanika@gmail.com

Split by PDF Splitter



ଦୋକାନ ସ୍ଥାପନ କରିଅଛନ୍ତି । ନଗର ଭ୍ରମଣ ଓ ଦରବାରକୁ ଯିବା ସକାଶେ ଏତେ ବଗିର ଆବଶ୍ୟକ ହୋଇଅଛି ଯେ ଘଣ୍ଟେ ଦୁଇ ଘୋଡ଼ାର ଗାଡ଼ି ଘନକୁ ଟ ୫୦୦ ଙ୍କା ଦେଇ ରଜାମାନେ ଭଡ଼ା ଦେଉଅଛନ୍ତି ।

କଟକର ବାରବାଟୀ କିଲ୍ଲାପଡ଼ିଆରୁ ୩୬ଟି ପୁରୁଣା ଟଙ୍କା ବାହାରିଅଛି ବାରିକ ମାଷ୍ଟର ଇଲାକା ଜମିରେ ସେଠାରେ ମୃତ୍ତିକା ଖନନ ସମୟରେ ଏ ମୁଦ୍ରାମାନ ଗାଡ଼ିଏ ସାନଘଡ଼ି ମଧ୍ୟରୁ ପ୍ରାପ୍ତ ହେଲା । ଏମୁଦ୍ରା ଉପରେ ଆରବିଭାଷା ଲେଖାଅଛି ମାତ୍ରତାହା କେଉଁ ରଜା ସମୟରେ ଚଳିଥିଲା କିଛି ଜଣାଯାଉ ନାହିଁ । ଯାହା ହେଉ ଏ ମୁଦ୍ରାରୁ ଦୁଇଖଣ୍ଡ ଗୋଟି କଲିକତାର ଏସିଆଟିକ୍ ସୋସାଇଟିକୁ ପଠାଇ ଦେଲେ ଏଥିର ସବିଶେଷ ଜଣାଯିବାର ସମ୍ଭବ । ଏସ୍ଥାନରୁ ମଧ୍ୟ କେତେକ ବାସନ ପ୍ରାପ୍ତ ହେଉଅଛି ମାତ୍ର ତହିଁର ଏରୂପ ଅବସ୍ଥା ହୋଇଅଛି ଯେ ହାତରେ ଛୁଇଁଦେଲେ ଅନାୟାସରେ ଭାଙ୍ଗିଯାଉ ଅଛି । ଏଥିରୁ ବୋଧ ହୁଅଇ ଯେ ଅନେକ ପୁରାତନ କାଳରେ ଏଠାରେ ବସତି ଥିଲା ମାତ୍ର ପ୍ରାପ୍ତ ହୋଇଥିବା ମୁଦ୍ରାରୁ ସମୟର ନିଶ୍ଚୟ ହୋଇପାରିବ ।

କଟକରେ ଏକଖଣ୍ଡି ସାପ୍ତାହିକ ଇଙ୍ଗରେଜି ସମ୍ବାଦପତ୍ର ହେବାର ଉଦ୍ୟମ ହେଉଅଛି । ବୋଧହୁଅଇ ଆଗତ ସନ ଆରମ୍ଭରୁ ଏପତ୍ର ପ୍ରକାଶ ହେବ । ଯେବେ ଏ କଳ୍ପଣାଟି ସିଦ୍ଧ ହୁଅଇ ତେବେ ଏ ମଧ୍ୟ ଓଡ଼ିଶାର ଉନ୍ନତିର ଏକ ଉପାୟ ହେବ ।

ବର୍ତ୍ତମାନ ସମୟରେ କୃଷିମାନେ ଚୋରଙ୍କ ଭୟରେ ଅତ୍ୟନ୍ତ କାତର ଅଛନ୍ତି । ପ୍ରାୟ ପ୍ରତିଦିନ ଖେତରୁ ଧାନ ଚୋରିକରି କାଟିନେବାର କଥା ଶୁଣାଯାଏ ଓ ଅନେକ ଅବସ୍ଥାରେ ଅପରାଧୀ ବ୍ୟକ୍ତି ଦଣ୍ଡଭୋଗ କରୁନାହିଁ । ତେଲଙ୍ଗା ପେଣ୍ଠ ଫାଣ୍ଡି ଇଲାକାରେ ଏହିପରି ଏକ ମକଦ୍ଦମାରେ ହେଡ଼କନଷ୍ଟବଲ ଚୋରକୁ ଗିରଫ୍ତଦାର କରି କଟକ ମୁକାମକୁ ଆଣିଥିଲା । ପୁନଶ୍ଚ କି ବଗୁର ତାକୁ ଖଲାସ ଦେବାରୁ ଫରିୟାଦ ମାଜିଷ୍ଟରରେ ନାଲିସ କଲା ତହୁଁ ଜଣେ ପୁଲିସର ଇନସ୍ପେକ୍ଟର ଆସାମୀ ଉପରେ ମକଦ୍ଦମା ସାବ୍ୟସ୍ତ କରି ଚାଲାଣ କରିଅଛି । ମେଜିଷ୍ଟରଙ୍କ ବିଚାର ହେଲେ ହେଡ଼ କନେଷ୍ଟବଲ ଦ୍ୱାରା ତଦାରଖର ଫଳ ଜଣାଯିବ ।

କଟକରେ ଦୁର୍ଭିକ୍ଷ ନିବାରଣୀ ଅନ୍ନଛତ୍ରର ସଂଖ୍ୟା ଏଥର କ୍ରମେ କମି ହେବାର ଉପାୟ ହେଉଅଛି ଏ ସପ୍ତାହ ମଧ୍ୟରେ ବଡ଼ତଣ୍ଡା ଖଣ୍ଡିଗଡ଼ ଇତ୍ୟାଦି

Digitized by srujanika@gmail.com